◆ Bhubaneswar, January 1-15, 2026
◆ ଭୁବନେଶ୍ୱର, ଜାନୁଆରୀ ୧-୧୫, ୨୦୨୬
◆ Vol. -09 ◆ Issue -02
◆ ଭାଗ-୦୯ ◆ ସଂଖ୍ୟା-୦୨
◆ Rs. 2.00 /- ◆ Pages: 04
◆ ମୂଲ୍ୟ: ଟ୨.୦୦ ◆ପୃଷ୍ଠା ସଂଖ୍ୟା: ୦୪
◆ପାକ୍ଷିକ ◆FORTNIGHTLY

RNI Regd. No.: ODIODI/2017/74065
email: pratishabda7@gmail.com


# ପ୍ରତିଶବ୍ଦ
The Pratishabda





ନୂତନ ବର୍ଷ-୨୦୨୬ ଉପଲକ୍ଷେ ଅଭିନନ୍ଦନ



ସମ୍ପାଦିକା

# ନୂଆବର୍ଷରେ ଦାୟିତ୍ୱ ନେଲେ ନୂଆ ମୁଖିଆ

(ଜୀତେନ୍ଦ୍ର ପତି)



ଭୁବନେଶ୍ୱର: ଓଡିଶା ପାଇଲା ପ୍ରଥମ ମହିଳା ମୁଖ୍ୟ ଶାସନ ସଚ଼ିବ। ୧୯୯୧ ବ୍ୟାଚ୍‌ର ଆଇଏଏସ୍ ତଥା ଉନ୍ନୟନ କମିସନର ଅନୁ ଗର୍ଗ ପରବର୍ତ୍ତୀ ମୁଖ୍ୟ ଶାସନ ସଚ଼ିବ ଭାବେ ନିଯୁକ୍ତି ପାଇଛନ୍ତି। ବର୍ତ୍ତମାନର ମୁଖ୍ୟ ଶାସନ ସଚ଼ିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଜାନୁଆରି ପହିଲାରୁ ଶ୍ରୀମତୀ ଗର୍ଗ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ୨୦୨୯ ମାର୍ଚ୍ଚରେ ଶ୍ରୀମତୀ ଗର୍ଗ ଅବସର ନେବେ। ଅବସର ପର୍ଯ୍ୟନ୍ତ ସେ ଯଦି ମୁଖ୍ୟ ସଚ଼ିବ ରୁହନ୍ତି, ତେବେ ତାଙ୍କର ଅବଧି ୩ ବର୍ଷ ୩ ମାସ ରହିବ।

ଶ୍ରୀମତୀ ଗର୍ଗ ଏବେ ଜଳସଂପଦ ଓ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଭାବେ କାର୍ଯ୍ୟ କରୁଛନ୍ତି। ଝାରସୁଗୁଡା ଉପଜିଲ୍ଲାପାଳ ଭାବେ ସେ ତାଙ୍କର ଚ଼ାକିରି ଜୀବନ ଆରମ୍ଭ କରିଥିଲେ। ପରେ ବରଗଡ, ସମ୍ବଲପୁର ଜିଲ୍ଲାପାଳ ରହିଥିଲେ। ଏହାସହ ସ୍ୱାସ୍ଥ୍ୟ, ଶ୍ରମ ଓ ଅନ୍ୟ ବିଭାଗରେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରିବାର ମଧ୍ୟ ତାଙ୍କର ଅଭିଜ୍ଞତା ରହିଛି। ବରିଷ୍ଠତା ଭିତ୍ତିରେ ତାଙ୍କୁ ମୁଖ୍ୟ ଶାସନ ସଚ଼ିବ ପଦବିରେ ନିଯୁକ୍ତି ମିଳିଛି। ରାଜ୍ୟର ୪୭ତମ ମୁଖ୍ୟ ସଚ଼ିବ ଭାବେ ତାଙ୍କୁ ନିଯୁକ୍ତି ମିଳିବା ପରେ ରାଜ୍ୟର ପ୍ରଶାସନିକ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଥମ ବିଜେପି ସରକାର ଗଠନ ହେବା ପରେ ମନୋଜ ଆହୁଜାଙ୍କୁ ମୁଖ୍ୟ ସଚ଼ିବ ଭାବେ ଦାୟିତ୍ୱ ଦିଆଯାଇଥିଲା। କେନ୍ଦ୍ରୀୟ ଡେପୁଟେସନ୍‌ରେ ଥିବା ଶ୍ରୀ ଆହୁଜାଙ୍କୁ ଓଡିଶା ଫେରାଇବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିଥିଲେ। ଗତବର୍ଷ ଡିସେମ୍ବର ୩୧ ତାରିଖରେ ଶ୍ରୀ ଆହୁଜାଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ରାଜ୍ୟ ସରକାର ତାଙ୍କ କାର୍ଯ୍ୟକାଳକୁ ଆହୁରି ବର୍ଷେ ବଢ଼ାଇଥିଲେ। ନିର୍ବାଚ଼ନ ସମୟରେ ଓଡିଆ ଅସ୍ମିତା ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ପାଇଁ ଅଣଓଡିଆ ଶ୍ରୀ ଆହୁଜାଙ୍କୁ ନିଯୁକ୍ତି ଦିଆଯିବା ଫଳରେ ସରକାର ସମାଲୋଚ଼ନାର ଶିକାର ହୋଇଥିଲେ। ତେବେ ମୁଖ୍ୟ ଶାସନ ସଚ଼ିବ ପଦବିରେ ସର୍ବଭାରତୀୟ ସେବା ଅଧିକାରୀ ନିଯୁକ୍ତି ପାଉଥିବାରୁ ଏଭଳି ପ୍ରସଙ୍ଗ ସେତେଟା ଗୁରୁତ୍ୱ ରଖେନାହିଁ ବୋଲି ସ୍ପଷ୍ଟ ବାର୍ତ୍ତା ଦିଆଯାଇଥିଲା। ଏବେ ସମାନ ଢଙ୍ଗରେ ଶ୍ରୀମତୀ ଗର୍ଗଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି।

# ନବୀନ କହିଲେ ରାଜ୍ୟରେ ବଢ଼ିଚାଲିଛି ଦୁଷ୍କର୍ମ ଓ ମହିଳା ଅତ୍ୟାଚାର

ଭୁବନେଶ୍ୱର: ଭୁବନେଶ୍ୱର: ରାଜ୍ୟରେ ମହିଳା ଶିଶୁ ଅତ୍ୟାଚ଼ାର ଓ ହିଂସା ମାମଲା ବଢ଼ି ବଢ଼ି ଚ଼ାଲିଥିବା ବେଳେ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରୁ ନାହାନ୍ତି। ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁକୋଣରେ ଦୁଷ୍କର୍ମ, ଅସଦାଚ଼ରଣ ପରି ଉଦ୍‌ବେଗଜନକ ଘଟଣା ସାମ୍ନାକ ଆସୁଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ରାଜ୍ୟର ରାଜଧାନୀ ଭୁବନେଶ୍ୱର ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇ ପଡୁଛି; ନାରୀ ହିଂସା ବୃଦ୍ଧି ଯୋଗୁଁ ଓଡ଼ିଶା କଳଙ୍କ ମୁଣ୍ଡାଉଛି ବୋଲି ଉଲ୍ଲେଖ କରି ବିଜେପି ସରକାର କେବେ ଚେତିବେ ବୋଲି ପ୍ରଶ୍ନ କରିଛନ୍ତି ନବୀନ ପଟ୍ଟନାୟକ। ସମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଭୁବନେଶ୍ୱରରେ ଦିନ ଦ୍ୱିପ୍ରହରେ ପୁଣି ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ସ୍ପର୍ଶକାତର ବିଷୟ। ରାଜ୍ୟରେ ଆଇନଶୃଙ୍ଖଳା କୁଆଡ଼େ ଯାଉଛି ? 'ଲୋକଙ୍କ ସରକାର'ର ମିଛ ପ୍ରହେଳିକା କରୁଥିବା ସରକାର ଲୋକଙ୍କୁ ସୁରକ୍ଷା ଦେଉଛି ତ ବୋଲି ନବୀନ ପ୍ରଶ୍ନ କରିଛନ୍ତି।

ଧଉଳି ଗଣଦୁଷ୍କର୍ମ ଘଟଣା ମନରୁ ନ ଲିଭୁଣୁ ପୁଣି ଏକ ବର୍ବର କାଣ୍ଡ ସାଧାରଣ ଜନତାଙ୍କୁ ଆତଙ୍କିତ କରିଦେଇଛି। ରାଜଧାନୀରେ ମା'ଭଉଣୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ବିଜେପି ସରକାରର ଅପାରଗତା ଜଳଜଳ ଦେଖାଯାଉଛି। ତେଣୁ ସ୍ଥିତି ଆହୁରି ବିଗିଡ଼ିବା ପୂର୍ବରୁ ସରକାର ସଜାଗ ହୁଅନ୍ତୁ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ଦିଗରେ ସରକାର ଆଗୁଆ ତତ୍ପର ହେବା ସହ ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ବିଜେପିର ପ୍ରତିନିଧି ଦଳ

# ଉଷୁନା ଚ଼ାଉଳ ଉଠାଣ ପରିମାଣ ୨୦ରୁ ୨୫ ଲକ୍ଷ ମେଟ୍ରିକ ଟନ ବୃଦ୍ଧି କରିବା ପାଇଁ ଅନୁରୋଧ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, (ବ୍ୟୁରୋ):: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ସାଂସଦ, ବିଧାୟକ ତଥା ବିଜେପିର ଏକ ପ୍ରତିନିଧୂ ଦଳ ନୂଆଦିଲ୍ଲୀ ଠାରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟିଛନ୍ତି। ଓଡ଼ିଶାର ଚ଼ାଷୀଙ୍କ ସ୍ୱାର୍ଥ ଦୃଷ୍ଟିରେ ଉଷୁନା ଚ଼ାଉଳ ଉଠାଣ ପରିମାଣ ୨୦ ଲକ୍ଷ ମେଟ୍ରିକ ଟନରୁ ବଢାଇ ୨୫ ଲକ୍ଷ ମେଟ୍ରିକ ଟନ କରିବା ପାଇଁ ଅନୁରୋଧ କରିଛନ୍ତି।

ଏ ସମ୍ପର୍କିତ ଏକ ପତ୍ର ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି, ଯେଉଁଥରେ ଉଲ୍ଲେଖ ରହିଛି ୨୦୨୪-୨୫ ବର୍ଷ ପାଇଁ ଖରିଫ ଓ ରବି ଋତୁ ପାଇଁ ଓଡ଼ିଶାର ଧାନ ସଂଗ୍ରହ ପରିମାଣକୁ ୫୦ ଲକ୍ଷ ମେଟ୍ରିକ ଟନରୁ ୫୮ ଲକ୍ଷ ମେଟ୍ରିକ ଟନ ବୃଦ୍ଧି କରାଯାଇଛି। ଏଥ ?ପାଇଁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଏହି ଧାନ ସଂଗ୍ରହ ପରିମାଣ ବୃଦ୍ଧି ରାଜ୍ୟର ଚ଼ାଷୀ ସମାଜର ଆତ୍ମବିଶ୍ୱାସକୁ ବଢାଇବା ସହ ସୁରୁଖୁରୁରେ ସଂଗ୍ରହ କାର୍ଯ୍ୟକୁ ସୁନିଶ୍ଚିତ କରିଛି।

ତେବେ ଓଡ଼ିଶାରେ ବିଶେଷ ଭାବରେ ଉଷୁନା ଚ଼ାଉଳ ଅଧିକ ଉତ୍ପାଦନ ହେଉଥିବା ବେଳେ ୨୦୨୫-୨୬ ଖରିଫ ଋତୁ ପାଇଁ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଯାଇଥିବାରୁ ଉଷୁନା ଚ଼ାଉଳର ତୁରନ୍ତ ଉଠାଣ ନିତ୍ୟାନ୍ତ ଜରୁରୀ। ଏହି ପରିପ୍ରେକ୍ଷୀରେ, କେନ୍ଦ୍ରୀୟ ପୁଲ ଅଧୀନରେ ଉଭୟ ଖରିଫ ଓ ରବି ଋତୁ ପାଇଁ ଓଡ଼ିଶାର ଉଷୁନା ଚ଼ାଉଳ ଉଠାଣ ପରିମାଣକୁ ବର୍ତ୍ତମାନର ୨୦ ଲକ୍ଷ ମେଟ୍ରିକ୍ ଟନକୁ ବଢାଇ ୨୫ ଲକ୍ଷ ମେଟ୍ରିକ୍ ଟନ କରିବା ପାଇଁ ଅନୁରୋଧ କରିଛନ୍ତି। ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଦ୍ୱାରା ବଳକା ଥିବା ଏହି ଉଷୁନା ଚ଼ାଉଳର ଶୀଘ୍ର ଉଠାଣ ହେଲେ ଓଡ଼ିଶାର ଚ଼ାଷୀମାନେ ବିଶେଷ ଭାବରେ ଲାଭବାନ ହେବେ ଏବଂ ଜାତୀୟ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ଆହୁରି ମଜବୁତ୍ ହେବ।

# ପଲ୍ୟୁସନ ବ୍ୟବସ୍ଥା ଦୁଇ ମାସେ ବଢ଼ିଲା



ଭୁବନେଶ୍ୱର: ବିନା ପ୍ରଦୂଷଣ ସାର୍ଟିଫିକେଟରେ ଗାଡିରେ ତେଲ ପକାଇବା ଉପରେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କର୍ତ୍ତୃପକ୍ଷ ରୋକ୍ ଲଗାଇଥିବାବେଳେ ଏହାକୁ ନେଇ ଜନଅସନ୍ତୋଷ ବଢ଼ି ଚ଼ାଲିଥିଲା। ଏହାପରେ ପରିବହନ ବିଭାଗ ପକ୍ଷରୁ ଏହାକୁ ଜାନୁଆରୀ ପହିଲା ପର୍ଯ୍ୟନ୍ତ କୋହଳ କରାଯାଇଥିଲା। କିନ୍ତୁ ରାଜ୍ୟରେ ପଲ୍ୟୁସନ ସାର୍ଟିଫିକେଟ୍ ଦେବାକୁ ଆବଶ୍ୟକୀୟ ଭିତ୍ତିଭୂମି ନ ଥିବାରୁ ବିଭିନ୍ନ ମହଲରୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ କଡା ବିରୋଧ କରାଯାଇଥିଲା।

ଏହାପରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା 'ବୈଧ ପ୍ରଦୂଷଣ ପ୍ରମାଣପତ୍ର ବିନା ଇନ୍ଧନ ମନା' କଟକଣାକୁ ମାର୍ଚ୍ଚ ପହିଲା ପର୍ଯ୍ୟନ୍ତ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବଧି ମଧ୍ୟରେ ମୋଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣ ପତ୍ର ନଥିବା ଯାନଗୁଡିକ ପ୍ରଦୂଷଣ ଯାଞ୍ଚ କରାଇ ନେବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।


ଏହାସହ କୁହାଯାଇଛି ଯେ ଫେବ୍ରୁଆରି ୧ ପୂର୍ବରୁ କୌଣସି ପେଟ୍ରୋଲ୍ ? ପମ୍ପରେ କାହାକୁ ବି ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଇନ୍ଧନ ଦେବାକୁ ମନା କରାଯାଇପାରିବ ନାହିଁ। ଏହି ସମୟରେ ପ୍ରଦୂଷଣ ସାର୍ଟିଫିକେଟ ସଂକ୍ରାନ୍ତରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହେବ।ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଗୁରୁତ୍ୱ ଦେଇ ସମସ୍ତ ଟୋଲଗେଟ୍‌ରେ ଇଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମୋଟର ଯାନ ବ୍ୟବହାରକାରୀଙ୍କୁ ନିବେଦନ କରାଯାଇଛି ଯେ, ସର୍ବଦା ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖନ୍ତୁ। ପ୍ରଦୂଷଣ ସୃଷ୍ଟି କରୁଥିବା ଯାନକୁ ବ୍ୟବହାର କରନ୍ତୁ ନାହିଁ। ପରିବେଶ ସୁରକ୍ଷାରେ ସହଭାଗୀ ହୁଅନ୍ତୁ।

# ଜିନ୍ଦଲ ଷ୍ଟିଲକୁ ବିସିସି ଆଣ୍ଡ୍ ଆଇର ସିଏସ୍ଆର୍ ପୁରସ୍କାର

ଭୁବନେଶ୍ୱର : ସ୍ୱାସ୍ଥ୍ୟ, ସାମାଜିକ ବିକାଶ ଏବଂ ମହିଳା ବିକାଶ କ୍ଷେତ୍ରରେ ଏହାର ଉଲ୍ଲେଖନୀୟ କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟ ପାଇଁ ଜିନ୍ଦଲ ଷ୍ଟିଲକୁ ବେଙ୍ଗଲ ଚ଼ାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ବିସିସି ଆଣ୍ଡ ଆଇ) ଦ୍ୱାରା ପୁରସ୍କୃତ କରାଯାଇଛି। କୋଲକାତାରେ ଏକ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପୂର୍ବତନ ସଚ଼ିବ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କର୍ପୋରେଟ୍ ଆଫେୟାରର ପୂର୍ବତନ ନିର୍ଦ୍ଦେଶକ ଜେନେରାଲ ଏବଂ ସିଇଓ ଡକ୍ଟର ଭାସ୍କର ଚ଼ାଟାର୍ଜୀ, ଜାତୀୟ ସିଏସଆର ଏବଂ କର୍ପୋରେଟ୍ ଗଭର୍ଣାନ୍ସ କମିଟି, ବିସିସି ଆଣ୍ଡ ଆଇର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର, ଆଇନ ଏବଂ କର୍ପୋରେଟ୍ ଆଫେୟାରର ସଭାପତି ଏବଂ ଇନଫିନିଟି ଗ୍ରୁପର ଅଧ୍ୟକ୍ଷ ଡକ୍ଟର ରବିନ୍ଦ୍ର ଚ଼ମାରିଆ ଏହି ପୁରସ୍କାର ପ୍ରଦାନ କରିଥିଲେ। କିଶୋରୀ ଝିଅମାନଙ୍କ ପାଇଁ ସ୍ୱାସ୍ଥ୍ୟସେବାର ସାମଗ୍ରିକ ବିକାଶରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଜିନ୍ଦଲ ଷ୍ଟିଲର ପ୍ରମୁଖ ସିଏସଆର ପଦକ୍ଷେପ, କିଶୋରୀ ଏକ୍ସପ୍ରେସକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏହାର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ମାଧ୍ୟମରେ ଜିନ୍ଦଲ ଷ୍ଟିଲ୍ ଦ୍ୱାରା ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର କରାଯାଉଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ପ୍ରଭାବକୁ ବେଙ୍ଗଲ ଚ଼ାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ଏହି ପୁରସ୍କାର ପ୍ରଦର୍ଶିତ କରୁଛି। ଏହି ହସ୍ତକ୍ଷେପ ଲକ୍ଷ ଲକ୍ଷ ଲୋକଙ୍କୁ ସ୍ପର୍ଶ ପାରିଛି ଏବଂ ପରିବର୍ତ୍ତନ ଆଣିଛି। ଏକ ସାମଗ୍ରିକ ବିକାଶ ପଦ୍ଧତି ମାଧ୍ୟମରେ, ଫାଉଣ୍ଡେସନ ଏକ ସମନ୍ୱିତ ଏବଂ ସ୍ଥାୟୀ ଉପାୟରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ଜଳ ସୁରକ୍ଷା ଏବଂ ମହିଳା ସଶକ୍ତିକରଣକୁ ଗୁରୁତ୍ୱଦେଇ ସମ୍ପ୍ରଦାୟ କଲ୍ୟାଣକୁ ସୁଦୃଢ଼ କରିଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ କହିଛନ୍ତି, " ଏହି ସ୍ୱୀକୃତି ଆମର ବିଶ୍ୱାସକୁ ନିଶ୍ଚିତ କରୁଛି ଯେ ଅର୍ଥପୂର୍ଣ୍ଣ ବିକାଶ, ସାମଗ୍ରିକ ଏବଂ ଲୋକ-କୈନ୍ଦ୍ରିକ ହେବା ଆବଶ୍ୟକ। ଜିନ୍ଦଲ ଫାଉଣ୍ଡେସନରେ, ଆମେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ପରିବେଶ ଏବଂ ସାମାଜିକ ସମାନତା କ୍ଷେତ୍ରରେ କାର୍ଯ୍ୟ କରି ଆସୁଛୁ। କିଶୋରୀ ଏକ୍ସପ୍ରେସ ଭଳି ପଦକ୍ଷେପ କିଶୋରୀ ଝିଅମାନଙ୍କ ସ୍ୱାସ୍ଥ୍ୟ, ସାମ୍ମାନ ଏବଂ ଭବିଷ୍ୟତର ସମ୍ଭାବନାକୁ ଧ୍ୟାନ ଦେଇ ସେମାନଙ୍କୁ ସଶକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।" ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ଏବଂ ଗ୍ରୁପ ହେଡ୍ (ସିଏସଆର ଏବଂ ଶିକ୍ଷା) ପ୍ରଶାନ୍ତ ହୋତା କହିଛନ୍ତି, "କିଶୋରୀ ଏକ୍ସପ୍ରେସ ପାଇଁ ଏହି ମାନ୍ୟତା ଜିନ୍ଦଲ ଫାଉଣ୍ଡେସନର ସାମଗ୍ରିକ ଏବଂ ଅନ୍ତର୍ଭୁକ୍ତ ବିକାଶ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କିଶୋରୀ ଝିଅମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ସଶକ୍ତିକରଣକୁ ସମନ୍ୱୟ କରି, ଆମେ ସ୍ଥାୟୀ, ସମ୍ପ୍ରଦାୟ-ନେତୃତ୍ୱାଧୀନ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖୁଛୁ। ସମସ୍ତ ୧୭ଟି ଜାତିସଂଘ ଏସଡିଜି ସହିତ ସମନ୍ୱିତ ହୋଇ, ଆମର ସିଏସଆର ପଦକ୍ଷେପଗୁଡ଼ିକ ସମ୍ପ୍ରଦାୟକୁ ମଜବୁତ କରିବା ଏବଂ ଅର୍ଥପୂର୍ଣ୍ଣ ସାମାଜିକ ପରିବର୍ତ୍ତନ ଆଣିବା ଜାରି ରଖିବ। ପୁରସ୍କାରପ୍ରାପ୍ତ କିଶୋରୀ ଏକ୍ସପ୍ରେସ୍ ପଦକ୍ଷେପ ସ୍ୱାସ୍ଥ୍ୟସେବା ଏବଂ ସମ୍ପ୍ରଦାୟ ବିକାଶ ପାଇଁ ଫାଉଣ୍ଡେସନର ସମନ୍ୱିତ ଆଭିମୁଖ୍ୟର ଏକ ଜ୍ୱଳନ୍ତ ଉଦାହରଣ, ଯାହା ସ୍ୱାସ୍ଥ୍ୟସେବା, ସଚେତନତା, ପରାମର୍ଶ ଏବଂ ଅତ୍ୟାବଶ୍ୟକ ସେବାର ଉପଲବ୍ଧତା ମାଧ୍ୟମରେ କିଶୋରୀ ଝିଅମାନଙ୍କ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ।

ଏନ୍ ଏଲ୍ ବିସ୍ଥାପିତଙ୍କ ସମସ୍ୟା ସମାଧାନ ପ୍ରସଙ୍ଗ

# କୋଇଲା ମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ



ଝାରସୁଗୁଡ଼ା, (ସ୍ୱ.ପ୍ର):ଭାରତ ସରକାରଙ୍କ ଦ୍ୱାରା ପରିଚ଼ାଳିତ ଏନ୍ଏଲସି (ନେଭିଲ ଲିଗନାଇଟ କର୍ପୋରେସନ) ସ୍ଥାପିତ ହେବା ଦ୍ୱାରା ବିସ୍ଥାପିତ ହୋଇଥିବା ପରିବାରଙ୍କ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ବିଧାୟକ ଟଙ୍କଧର ତ୍ରିପାଠୀ କୋଇଲା ମନ୍ତ୍ରୀ ଜି କିଷାନ ରେଡ୍ଡୀଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଛନ୍ତି। ଭେଡେନ ନଦୀ କୂଳରେ ଏନ୍ଏଲସି କମ୍ପାନି ସ୍ଥାପିତ ହେବା ଦ୍ୱାରା ଯେଉଁ ପରିବାର ଗୁଡିକ ବିସ୍ଥାପିତ ହୋଇଛନ୍ତି, ତଥା ଅନୁକମ୍ପା ମୂଳକ ରାଶି ପ୍ରଦାନ ସେମାନଙ୍କୁ ସେମାନଙ୍କର କରାଯାଉଥିବାର ନିୟମ ଏହି ଅନୁକମ୍ପା ମୂଳକ ରାଶି ଠିକ ବିସ୍ଥାପିତ ହୋଇଥିବା ପରିବାର ହିସାବରେ ମିଳୁନାହିଁ ବୋଲି ମାନଙ୍କ ଠାରେ ଠିକ୍ ହିସାବରେ ବିଧାୟକ ଜଣାଇଛନ୍ତି।ଏନ୍ ଏଲସି କମ୍ପାନି ଦ୍ୱାରା ୨୦୧୬ରେ ନିର୍ଦ୍ଧାରିତ ହୋଇଥବା ଅଧିଗ୍ରହଣ, ବିସ୍ଥାପନ ତଥା ଅନୁକମ୍ପା ମୂଳକ ରାଶି ପ୍ରଦାନ କରାଯାଉଥିବାର ନିୟମ ଏହି ବିସ୍ଥାପିତ ହୋଇଥିବା ପରିବାରମାନଙ୍କ ଠାରେ ଠିକ୍ ହିସାବରେ ପାଳନ କରାଯାଇନାହିଁ। ଏହା ସହିତ କମ୍ପାନି ବିସ୍ଥାପିତ ପରିବାର ମାନଙ୍କୁ ଦେବାକୁ ଥିବା ଅନୁକମ୍ପା ରାଶି ବୃଦ୍ଧି କରିବା ପାଇଁ ବିଧାୟକ ତାଙ୍କ ଦାବିରେ ଜଣାଇଛନ୍ତି। ପ୍ରତିବର୍ଷ ପ୍ରତ୍ୟେକ ଜିନିଷର ମୂଲ୍ୟ ବଢୁଛି। କିନ୍ତୁ ଏନଏଲସି କମ୍ପାନି ୨୦୨୧ମସିହାରେ ଧାର୍ଯ୍ୟ କରିଥିବା ମୂଲ୍ୟ ୨୦୨୫-୨୬ରେ ଦେବାକୁ ଚ଼ାହୁଁଛି। ତେଣୁ ବିସ୍ଥାପିତ ପରିବାର ମାନଙ୍କୁ ଏହା ଦ୍ୱାରା ବହୁ କ୍ଷତି ସହିବାକୁ ପଡୁଛି। ଆଗରୁ ମଧ୍ୟ କମ୍ପାନି ଜମି ଓ ଘରୁ ବିସ୍ଥାପନ ହୋଇଥିବା ପରିବାରଙ୍କୁ ଦେଇଥିବା ଅନୁକମ୍ପାମୂଳକ ରାଶି କମ ମୂଲ୍ୟ ଥିଲା। ତେଣୁ ତା'ର ମଧ୍ୟ କିଛି ମୂଲ୍ୟ ବଢାଇବା ପାଇଁ ବିଧାୟକ ଦାବି ଜଣାଇଛନ୍ତି। ଏହା ସହିତ ବର୍ତ୍ତମାନ ବିସ୍ଥାପିତ ହୋଇଥିବା ଏବଂ ବିସ୍ଥାପିତ ହେବାକୁ ଥିବା ପରିବାରମାନଙ୍କ ଜମିର ମଧ୍ୟ ଉଚ଼ିତ ମୂଲ୍ୟ କମ୍ପାନି ପ୍ରଦାନ କରୁ ବୋଲି ବିଧାୟକ ଦାବି କରିଛନ୍ତି।

# ମଣ୍ଡି ବ୍ୟବସ୍ଥାରେ ଘୋର ଅବ୍ୟବସ୍ଥା: ବିଧାୟକ



ବଲାଙ୍ଗିର ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ କୁଡାସିଙ୍ଗା ପେକ୍ସ ର ଧାନ ମଣ୍ଡି ପରିଦର୍ଶନ କରିଥିଲେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଏବଂ ସେ ଦେଖିଥିଲେ ଯେ ଧାନ କଟା ସରିଛି, କିନ୍ତୁ ବଲାଙ୍ଗିର ରେ ଧାନ ମଣ୍ଡି କେନ୍ଦ୍ର ଗୁଡିକ ଏବେ ବି ବନ୍ଦ ଅଛି ଓ ଖୋଲା ଯାଇନି। ଡିସେମ୍ବର ୫ ତାରିଖରୁ ଆରମ୍ଭ ହେବାର ପ୍ରଶାସନ ପ୍ରତିଶ୍ରୁତି ସତ୍ତ୍ୱେ, ଧାନ ବିକ୍ରୟକୁ ନେଇ ଚ଼ାଷୀକୁ କଷ୍ଟ ଦେଉଛି ଏବଂ ଏଜେଣ୍ଟ ମଧ୍ୟସ୍ଥିଙ୍କୁ ଲାଭ ପହଞ୍ଚାଉଛନ୍ତି। ସରକାର କ'ଣ ଚ଼ାଷୀଙ୍କ ସହିତ ଅଛନ୍ତି ? ଚ଼ାଷୀମାନେ ପ୍ରତିଶ୍ରୁତି ନୁହେଁ, ବରଂ ଭୂମିରେ ଏମଏସପି ପାଇବା ଉଚ଼ିତ ବୋଲି କହିଛନ୍ତି ବିଧାୟକ। ସେ ଏ ବିଷୟ ମୁଖ୍ୟ ମନ୍ତ୍ରୀ ଙ୍କୁ ଚ଼ିଠି ମାଧ୍ୟମ ରେ ଲେଖି ଛନ୍ତି ଯେ ଶୀଘ୍ର ଜିଲ୍ଲା ରେ ଧାନ ମଣ୍ଡି କେନ୍ଦ୍ର ଖୋଲିବା ଏବଂ ଚ଼ାଷୀ ଙ୍କ ଧାନ ତୁରନ୍ତ କିଣିବା ଆରମ୍ଭ କରନ୍ତୁ।ନଚେତ୍ ଚ଼ାଷୀ ର ଧାନ ରହିଯିବ ଓ ତୁରନ୍ତ ଚ଼ାଷୀ ଙ୍କ ଟୋକନ୍ ପ୍ରଦାନ କରନ୍ତୁ। ଏମଏସପି ଟଙ୍କା ଚ଼ାଷୀ ର ଖାତା ତୁରନ୍ତ ଦିଅନ୍ତୁ ବୋଲି ଦାବି ରଖିଛନ୍ତି ବିଧାୟକ କଳିକେଶ।

# ବେପରୁଆ ଗାଡ଼ି ଚ଼ାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଟିଏର ନିର୍ଦ୍ଦେଶ

କଟକ, (ବ୍ୟୁରୋ): ବେପରୁଆ ଗାଡ଼ିଚ଼ାଳକଙ୍କ ବିରୋଧରେ କଠୋର ମନୋଭାବ ପୋଷଣ କରିଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)। ଏଥିପାଇଁ ମୋଟର ଯାନ ଆଇନ ୧୯୮୮, କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ ୧୯୮୯ ଓଡ଼ିଶା ମୋଟର ଯାନ ନିୟମାବଳୀ ୧୯୯୩ ଏବଂ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟିର ନିର୍ଦ୍ଦେଶାବଳୀକୁ ଆଧାର କରି ଏସ୍‌ଟିଏ ଦ୍ୱାରା ଏକ ସର୍କୁଲାର ଜାରି କରାଯାଇଛି। ଏହି ସର୍କୁଲାର ଜରିଆରେ ସମସ୍ତ ଆର୍‌ଟିଓ ଓ ଅତିରିକ୍ତ ଆର୍‌ଟିଓଙ୍କୁ ଅଭ୍ୟାସଗତ ସଡ଼କ ସୁରକ୍ଷା ନିୟମ ଉଲଂଘନକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସମସ୍ତ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ନିଷ୍ପତ୍ତି କରାଯାଇଥିବା ସୂଚ଼ନା ଦିଆଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଯେଉଁ ଗାଡ଼ିଚ଼ାଳକ ବାରମ୍ବାର ଟ୍ରାଫିକ୍ ନିୟମ ଉଲଂଘନ କରିବେ, ବେପରୁଆ ଗାଡ଼ି ଚ଼ାଳନା କରି ଦୁର୍ଘଟଣା ଘଟାଇବେ, ମୋଟର ଯାନ ଆଇନ ଅନୁଯାୟୀ ଅନ୍ୟାନ୍ୟ ପଦକ୍ଷେପ ସହ ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ିଗ ପଞ୍ଜୀକରଣ ପ୍ରମାଣପତ୍ର ନିଲମ୍ବନ ଓ ରଦ୍ଦ କରିବାକୁ ଆର୍‌ଟିଓମାନେ ପଦକ୍ଷେପ ନେବେ। ସେହିଭଳି ସଡ଼କ ପାଇଁ ଅନୁପଯୁକ୍ତ ଗାଡ଼ିମାନଙ୍କ ଫିଟନେସ୍ ବାତିଲ କରିବା ଦିଗରେ ଏମ୍ଭିଆଇମାନେ ପଦକ୍ଷେପ ଗ୍ରହଣ କରିବେ।

ସମ୍ପାଦକୀୟ

## ଲାଲ ଦୁର୍ଗ ପତନ !

ଗତ ସପ୍ତାହରେ ଅନୁଷ୍ଠିତ କେରଳ ପୌର ସଂସ୍ଥା ଓ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଫଳାଫଳକୁ ଯଦି ଆଗାମୀ ବିଧାନସଭା ପାଇଁ ଏକ ମାପକାଠି (ବେରୋମିଟର) ହୁଏ, ତେବେ ଦେଶର ଏକମାତ୍ର ବାମପନ୍ଥୀ ଶାସିତ ରାଜ୍ୟରେ କ୍ଷମତାସୀନ ବାମପନ୍ଥୀ ଗଣତାନ୍ତ୍ରୀକ ମେଂଟ (ଏଲଡିଏଫ) ଏବଂ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ ଉଭୟେ ଲାଲ ସଂକେତ ଦେଖିବା ସମ୍ଭାବନା ରହିଛି ବୋଲି କୁହାଯାଇପାରିବ। କାରଣ ଏଲଡିଏଫର ମୁଖ୍ୟ ତଥା ପାରମ୍ପରିକ ପ୍ରତିଦ୍ୱନ୍ଦୀ କଂଗ୍ରେସ ନେତୃତ୍ୱାଧୀନ ମିଳିତ ଗଣତାନ୍ତ୍ରୀକ ସାମ୍ମୁଖ୍ୟ (ୟୁଡିଏଫ) ଉଭୟ ପୌର ଏବଂ ପଂଚାୟତ ସଂସ୍ଥା ନିର୍ବାଚନରେ ବାଜିମାତ କରିଛି। ୟୁଡିଏଫ ରାଜ୍ୟର ୬ଟି ପୌରମହାନଗର ନିଗମ ମଧ୍ୟରୁ ୪ଟି ଅକ୍ତିଆର କରିଥିବାବେଳେ ୯୪୧ଟି ଗ୍ରାମ ପଂଚାୟତ ମଧ୍ୟରୁ ଅର୍ଦ୍ଧାଧିକ ତଥା ୫୦୫ଟି, ୧୫୨ଟି ପଂଚାୟତ ସମିତି(ବ୍ଲକ ପଂଚାୟତ) ମଧ୍ୟରୁ ୭୯ଟି ଏବଂ ୧୪ଟି ଜିଲ୍ଲା ପରିଷଦ (ଜିଲ୍ଲା ପଂଚାୟତ) ମଧ୍ୟରୁ ୭ଟିରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଛି। ସେହିପରି ରାଜ୍ୟର ୮୬ଟି ପୌର ସଂସ୍ଥା ମଧ୍ୟରୁ ୫୪ଟି ଅକ୍ତିଆର କରି ପରିଷଦ ଗଠନ କରିବାକୁ ସମର୍ଥ ହୋଇଛି। ଯାହାକି ବାମପନ୍ଥୀ ମେଂଟ ସରକାରଙ୍କ ପାଇଁ ଏକ ଶକ୍ତି ଧକ୍କା ତଥା ଲାଲ ଦୁର୍ଗ ପତନର ସଂକେତ ପ୍ରଦାନ କରିଥିବା କହିଲେ ଅତିରଂଜିତ ହୋଇନପାରେ। ଆହୁରି ମଧ୍ୟ ଗତ ଚାରି ଦଶନ୍ଧି ଧରି ବାମପନ୍ଥୀ ଦୁର୍ଗ ଭାବେ ପରିଚିତ ରାଜଧାନୀ ଥିରୁବନ୍ଥମପୁର ମହାନଗର ନିଗମ ନିର୍ବାଚନରେ ବିଜେପି ବାଜିମାତ କରିବା ଆଉ ଏକ ଉଲ୍ଲେଖନୀୟ ଘଟଣା। ମହାନଗର ନିଗମର ୧୦୧ଟି ୱାର୍ଡ ମଧ୍ୟରୁ ୫୦ଟିରେ ବିଜେପି ବିଜୟୀ ହୋଇଥିବା ବେଳେ ବାମପନ୍ଥୀ ସାମ୍ମୁଖ୍ୟ ୨୯ଟି ଏବଂ ୟୁଡିଏଫ ୧୯ଟି ୱାର୍ଡ ଅକ୍ତିଆର କରିଛି।

## ପାରାଦୀପ ମହୋତ୍ସବକୁ ଉଦଘାଟନ କଲେ ଶିକ୍ଷମନ୍ତ୍ରୀ



ପାରାଦୀପ – ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପାୟୀ ଙ୍କ ୧୦୧ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ପାରାଦୀପର ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚଳିତ ମାସ ଡିସେମ୍ବର ୨୫ ରୁ ୩୧ ତାରିଖ ଦୀର୍ଘ ସପ୍ତାହ ବ୍ୟାପି ଜୟଦେବ ସଦନ ପରିସରରେ ଆୟୋଜିତ 'ପାରାଦୀପ ମହୋତ୍ସବ' ଗୁରୁବାର ସନ୍ଧ୍ୟାରେ ମହା ସମାରୋହରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ମହୋତ୍ସବ କୁ ଉଦଘାଟନ କରି ଅଟଳଜୀ ଙ୍କ ଦେଶ ପ୍ରତି ଅବଦାନ ସମ୍ପର୍କରେ ନିଜର ବକ୍ତବ୍ୟ ରଖି ସମସ୍ତ ଯୁବ ସମାଜ ତାଙ୍କ ପଥ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ. ହରନାଦ, ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ର ଏବଂ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଜପାୟୀ ଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଟ୍ରଷ୍ଟ ର ସମ୍ପାଦକ ସର୍ବ ?ଶ୍ୱର ବଳିୟାରସିଂହ ଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ସୁବ୍ରତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସମସ୍ତ ଅତିଥିଙ୍କ ଉପସ୍ଥିତି ରେ ବାଜପାୟୀ ଙ୍କ ଜନ୍ମ ଦିବସ ଆଡମ୍ବର ସହକାରେ ପାଳିତ ହୋଇଥିଲା ଫ ଏହି ପରିପ୍ରେକ୍ଷୀରେ ଗୀତା ଆବୃତ୍ତି ଓ ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ଙ୍କୁ ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ ପୁରସ୍କାର ବଣ୍ଟନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ ଭବେନ୍ଦ୍ର ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସହ ସମ୍ପାଦକ ବଜରଙ୍ଗ ପ୍ରସାଦ ସ୍ୱାଇଁ,କୋଷାଧ୍ୟକ୍ଷ ସର୍ବେଶ୍ୱର ଜେନା, ସଦସ୍ୟ ସୋଲମାନ ରାଜୁ, ଅର୍ଜିଲା ଶିବା, ଦିଲ୍ଲୀପ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

## କେନ୍ଦ୍ରାପଡ଼ାର ରାଜକନିକାରେ 'ବିକଶିତ ଭାରତ @୨୦୪୭' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆଦିଲ୍ଲୀ ,(ପିଆଇବି):ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱର ପକ୍ଷରୁ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକଠାରେ 'ବିକଶିତ ଭାରତ ଅ୨୦୪୭' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳର ଲୋକଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ଓଲାଭର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ସୁରେଶ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଏମ-କିସାନ, ଜଳ ଜୀବନ ମିଶନ, ପିଏମ ଆବାସ ଯୋଜନା ଓ ଆୟୁଷ୍ମାନ ଭାରତ ଭଳି ପ୍ରମୁଖ ଯୋଜନାଗୁଡ଼ିକ କିଭଳି ଗ୍ରାମୀଣ ଅର୍ଥନୀତି ଓ ଜୀବନଧାରଣର ମାନରେ ପରିବର୍ତ୍ତନ ଆଣୁଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ଯୁବପିଢ଼ିଙ୍କୁ ଦେଶ ଗଠନରେ ସାମିଲ ହେବା ପାଇଁ ଉତ୍ସାହିତ କରାଯିବା ସହ ପରିବେଶ ସୁରକ୍ଷା ପାଇଁ 'ଏକ ପେଡ୍ ମା' କେ ନାମ' ଅଭିଯାନ ଅଧୀନରେ ଏକ ସଚେତନତା ଶୋଭାଯାତ୍ରା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଇତି ଶ୍ରୀକାନ୍ତ ସ୍ୱାଇଁ ଓ ସମାଜସେବୀ ଶ୍ରୀ ବ୍ରଜବନ୍ଧୁ ଦାଶ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ଏବଂ ପରିବେଶ ଦାୟିତ୍ୱବୋଧ ବିଷୟରେ ପରାମର୍ଶ ଦେଇଥିଲେ। ପୂର୍ବ ପ୍ରସ୍ତୁତି କାର୍ଯ୍ୟକ୍ରମ ଭାବେ 'ଖେଲୋ ଇଣ୍ଡିଆ'ର ଆଭିମୁଖ୍ୟକୁ ନେଇ କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଶେଷରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ଦିଆଯାଇଥିଲା। 'ପୋଷଣ ଜନ ଆନ୍ଦୋଳନ' ଅଧୀନରେ ଛାତ୍ରଛାତ୍ରୀଙ୍କୁ ପରିବେଶ ଅନୁକୂଳ ପ୍ୟାକେଟରେ ଫଳ ଓ ଜୁସ୍ ବଣ୍ଟନ କରାଯାଇ ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ସଚେତନ କରାଯାଇଥିଲା। ଏହି ସମଗ୍ର କାର୍ଯ୍ୟକ୍ରମକୁ କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ ପରିଚାଳନା କରିଥିଲେ।

# ଲୋକସଭାରେ 'ଭିବି-ଜି ରାମ ଜି' ବିଲ୍ ଗୃହୀତ




ନୂଆଦିଲ୍ଲୀ ,(ପିଆଇବି): ପ୍ରବଳ ବିରୋଧ ଓ ହଟ୍ଟଗୋଳ ମଧ୍ୟରେଲୋକସଭାରେ 'ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିସନ୍ (ଗ୍ରାମୀଣ) (ଭିବି-ଜି ରାମ ଜି) ବିଲ୍, ୨୦୨୫ ଗୃହୀତ ହୋଇଛି। ବିରୋଧୀ ସାଂସଦମାନେ ଏହି ବିଲ୍‌କୁ ତୀବ୍ର ବିରୋଧ କରି ଆଜି ଗୃହରେ ଜୋର୍‌ଦାର ହଟ୍ଟଗୋଳ କରିଥିଲେ ଏବଂ ବିଲ୍‌ର କପି ଚିରି ଫୋପାଡିଥିଲେ। ଏଭଳି ହାଇଡ୍ରାମା ଭିତରେ ବିଲ୍‌ଟି ଗୃହୀତ ହୋଇଛି। ସରକାର ମନରେଗା (ମହାତ୍ମା ଗାନ୍ଧୀ ନ୍ୟାସନାଲ ରୁରାଲ ଏମ୍ପ୍ଲୟମେଣ୍ଟ ଗ୍ୟାରେଣ୍ଟି ଆକ୍ଟ (ଏମ୍‌ଜିଏନ୍‌ଆର୍‌ଇଜିଏ) ବ୍ୟବସ୍ଥାକୁ ହଟାଇ ଜାତିର ଜନକଙ୍କୁ ଅପମାନିତ କରିଛନ୍ତି ବୋଲି ବିରୋଧୀ ସାଂସଦମାନେ ଅଭିଯୋଗ କରିଛନ୍ତି।

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ବିଲ୍‌କୁ ସମର୍ଥନ କରି ଲୋକସଭାରେ କହିଛନ୍ତି ଯେ ୨୦୦୯ ନିର୍ବାଚନକୁ ଦୃଷ୍ଟିରେ ରଖି ଏନ୍‌ଆର୍‌ଇଜିଏରେ ମହାତ୍ମା ଗାନ୍ଧୀଙ୍କ ନାଁ ଯୋଡା ଯାଇଥିଲା। ଚୌହାନ କହିଛନ୍ତି, ପ୍ରାରମ୍ଭରେ ଏହା ଏନ୍‌ଆର୍‌ଇଜିଏ ଥିଲା ଏବଂ ଏଥିରେ ମହାତ୍ମା ଗାନ୍ଧୀଙ୍କ ନାଁ ସାମିଲ ନଥିଲା। ପରେ ୨୦୦୯ ଲୋକସଭା ନିର୍ବାଚନ ଆସିବା ସମୟରେ ବାପୁଙ୍କ କଥା ମନେ ପଡିଲା ଏବଂ ଏହା କେବଳ ଭୋଟ୍ ପାଇଁ ହିଁ କରାଯାଇଥିଲା। ତେବେ ମୁଁ ଏହା କହିବାକୁ ଚାହୁଛି ଯେ ଏମଜିଏନ୍‌ଆରଇଜିଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଠିକ୍ ଭାବେ ଏବଂ ଦୃଢ଼ ଭାବେ କାର୍ଯ୍ୟକାରୀ ହୋଇଛି। ଭିବି ଜି ରାମ ଜି ବିଲ୍ ଉପରେ ୮ ଘଣ୍ଟାର ଆଲୋଚନା ଉପରେ ଜବାବ ରଖି ଚୌହାନ କହିଛନ୍ତି, ମୋଦୀ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପରେ ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ କାଏମ ରଖିବା ସୁନିଶ୍ଚିତ କରାଯାଇଛି। ଚୌହାନ କହିଛନ୍ତି, କଂଗ୍ରେସ ବାପୁଙ୍କ ବିଚାରଧାରାକୁ ମାରିଦେଇଛି। କିନ୍ତୁ ଏନ୍‌ଡିଏ ପିଏମ୍ ଆୱାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ, ଆୟୁଷ୍ମାନ ଭାରତ ଦ୍ୱାରା ବାପୁଙ୍କ ବିଚାରଧାରାକୁ ଜୀବିତ ରଖିଛି। ଚୌହାନ କହିଛନ୍ତି, ଏହି ବିଲ୍ ନିଯୁକ୍ତି ସୁନିଶ୍ଚିତ କରିବ ଏବଂ ସ୍ୱାବଲମ୍ବୀ ଗ୍ରାମ ନେଇ ମହାତ୍ମା ଗାନ୍ଧୀ ଯେଉଁ ଲକ୍ଷ୍ୟ ରଖିଥିଲେ ତାହା ପୂରଣ କରିବାରେ ସହଯୋଗ କରିବ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସଚେତନତା ଅଭିଯାନ



ଝାରସୁଗୁଡା ( ସ୍ୱ ପ୍ର) -ସ୍ଥାନୀୟ ବେଦାନ୍ତ ଆଲୁମିନିୟମ ଓ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ମିଳିତ ଭାବରେ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ ଆରମ୍ଭ କରିଛନ୍ତି । ଝାରସୁଗୁଡ଼ାର କୋଇଲିଘୁଘର ଜଳପ୍ରପାତରେ 'ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ୍ ସ୍ପଟ୍' ଅଭିଯାନ ଅଧୀନରେ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥିଲା। ଏକକ ବ୍ୟବହାର ପ୍ଲାଷ୍ଟିକ୍‌କୁ ଦୂରକରିବା ପାଇଁ ପ୍ଲାଷ୍ଟିକ୍ ଆବର୍ଜନା ସଫେଇ କରାଯାଇଥିଲା। ଛାତ୍ରୀଛାତ୍ରମାନେ ପ୍ରତିଯୋଗିତା, ସାଂସ୍କୃତିକ ପ୍ରଦର୍ଶନ ଏବଂ ଜଙ୍ଗଲ, ଜଳାଶୟ ଏବଂ ବନ୍ୟପ୍ରାଣୀ ଉପରେ ପ୍ଲାଷ୍ଟିକ୍ ପ୍ରଦୂଷଣର ଦୀର୍ଘକାଳୀନ ପରିବେଶଗତ ପ୍ରଭାବ ଉପରେ ଆଲୋକପାତକରି ଏକ ନୁକ୍କଡନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ୫ ସ୍କୁଲର ୧୨୦ ଛାତ୍ରୀଛାତ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ କର୍ମଚାରୀ ସାମିଲ ହୋଇଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ, ଝାରସୁଗୁଡ଼ା ଡିଏଫ୍ଓ ମନୁ ଅଶୋକ ଭଟ୍ଟ ଏବଂ ଓଏସ୍‌ପିସିବି ଆଞ୍ଚଳିକ ଅଧିକାରୀ ହିରଣ୍ୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ର କହିଛନ୍ତି ଯେ 'ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ୍ ସ୍ପଟ୍ – ୨୦୨୫' ଭଳି ପଦକ୍ଷେପଗୁଡ଼ିକୁ ସମର୍ଥନ କରି ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ କରିବାକୁ ଆମେ ଲକ୍ଷ୍ୟ ରଖୁଛୁ ।

## ଏସ୍‌ୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ




ଝାରସୁଗୁଡ଼ା, (ସ୍ୱ.ପ୍ର): ଝାରସୁଗୁଡ଼ା ସହରାଞ୍ଚଳର ଏକ ଘରୋଇ ହୋଟେଲଠାରେ ଶୁକ୍ରବାର ପୂର୍ବାହ୍ନରେ ଷ୍ଟେଟ ୟୁନିୟନ ଅଫ ଜର୍ନାଲିଷ୍ଟ (ଏସ୍‌ୟୁଜେ)ଓଡ଼ିଶା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ଉପ-ସଭାପତି ମେହେବୁବ ମେହେତାବ, ଟ୍ରିବ୍ୟୁନାଲ ଅଧ୍ୟକ୍ଷ ସନ୍ତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଆସନ୍ତା ଫେବୃଆରୀ ୧୧ତାରିଖରେ ହେବାକୁ ଥିବା ଷଷ୍ଠ ବାର୍ଷିକ ଉତ୍ସବ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା ଏବଂ ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ପାଇଁ ସରକାର କିଭଳି ଭାବେ ଧ୍ୟାନଦେବେ କି ଓ ଖବରଦାତାଙ୍କ ସୁରକ୍ଷା ପାଇଁ ସଂଘ ପକ୍ଷରୁ କ'ଣ କ'ଣ କାର୍ଯ୍ୟ କରାଯିବ ତାହାକୁ ନେଇ ଆଲୋଚନା କରାଯାଇଥିଲା। ଶେଷରେ ସ୍ଥ ଝାରସୁଗୁଡ଼ା ଜିଲା ଶାଖାର ନୂତନ କର୍ମକର୍ତ୍ତା ମଧ୍ୟ ଚୟନ କରାଯାଇଥିଲା। ଏସ୍.ଜେ ଝାରସୁଗୁଡ଼ା ଜିଲା ଶାଖାର ସଭାପତି ଭାବେ ରବି କୁମାର ଯାଦବଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିବା ବେଳେ ପ୍ରଶାନ୍ତ ବି ମାଝୀଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ଏହି ସଭାକୁ ସଭାପତି ଓ କୈଳାସ ଚନ୍ଦ୍ର ନାୟକ ସଞ୍ଚାଳନ କରିଥିଲେ।

## ଭୁବନେଶ୍ୱରଠାରେ ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ଲାଗି ୯୩.୦୯ କୋଟି ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇଦେବେ କେନ୍ଦ୍ର ସରକାର

ଭୁବନେଶ୍ୱର, (ପିଆଇବି):ସଂଶୋଧିତ ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ଇନଫୋଭ୍ୟାଲି ଠାରେ ଏକ ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ନିର୍ମାଣକୁ ମଞ୍ଜୁରି ମିଳିଛି। ଆଜି ରାଜ୍ୟସଭାରେ ଏହି ସୂଚନା ଦେଇ କହିଛନ୍ତି କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ରାଷ୍ଟ୍ର ମନ୍ତ୍ରୀ ଜିତିନ ପ୍ରସାଦ। ସେ କହିଛନ୍ତି, ଏହି ପ୍ରକଳ୍ପରେ ୨୦୦.୭୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୩.୩୭ ଏକର ଜମିରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପରେ କେନ୍ଦ୍ର ସରକାର ୯୩.୦୯ କୋଟି ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇଦେବେ। ଏହି ପ୍ରକଳ୍ପରେ ୧୫୩୦ କୋଟି ଟଙ୍କାର ନିବେଶ ସହିତ ୩ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହାବ୍ୟତୀତ ସେମିକନ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ୪ ହଜାର ୩କୋଟିରୁ ଅଧିକ ଟଙ୍କା ବ୍ୟୟରେ ଓଡିଶାରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟକୁ ମଞ୍ଜୁରି ମିଳିଥିବା କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି । ଏସବୁ କେନ୍ଦ୍ରରେ ନିର୍ମିତ ଚିପ୍ ଅଟୋମୋବାଇଲ, ମହାକାଶ, ପ୍ରତିରକ୍ଷା, ବୈଦ୍ୟୁତିକ ବାହନ, ଡାଟା ସେଣ୍ଟର, ଇଲେକ୍‌ଟ୍ରୋନିକ୍ସ ଉପକରଣ ଆଦିରେ ଉପଯୋଗ କରାଯିବ। ସେହିପରି ନେସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍‌ଟ୍ରୋନିକ୍ସ ଓ ଆଇଟି (ଏନଆଇଇଏଲଆଇଟି) ଭୁବନେଶ୍ୱର ଏବଂ ବାଲେଶ୍ୱରେ ଦୁଇଟି କେନ୍ଦ୍ର ପ୍ରତିଷ୍ଠା କରିବା ସହିତ ୩୫ଟି କେନ୍ଦ୍ରକୁ ମାନ୍ୟତା ପ୍ରଦାନ କରିଛି। ଏସବୁ କେନ୍ଦ୍ରରେ ୨୫ ହଜାରୁ ଅଧିକ ପ୍ରାର୍ଥୀଙ୍କୁ ତାଲିମ ଦିଆଯାଇଥିବା ଶ୍ରୀ ଜିତିନ ପ୍ରସାଦ କହିଛନ୍ତି।

ଓଡିଶାରେ ଉଦ୍ୟୋଗ ବିକାଶ ଲାଗି ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ଦ୍ୱାରା ଇଲେକ୍‌ଟ୍ରୋପ୍ରନର୍ ପାର୍କ ସ୍ଥାପନ କରାଯାଇଛି। ଟ୍ରିପଲ୍ ଆଇଟି ଭୁବନେଶ୍ୱର ଏବଂ ଇଣ୍ଡିଆନ୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ସେମି କଣ୍ଡକ୍ଟର ଆସୋସିଏସନ ସହଭାଗିତାରେ ଏହାକୁ ବିକଶିତ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ଇଲେକ୍‌ଟ୍ରୋନିକ୍ସ ସିଷ୍ଟମ ଡିଜାଇନ୍ ଏବଂ ଉତ୍ପାଦନକୁ ପ୍ରୋତ୍ସାହନ ଦେବା। ବର୍ତ୍ତମାନ ସୁଦ୍ଧା ଏଥିରେ ୩୭ଟି ଷ୍ଟାର୍ଟଅପ୍ ସାମିଲ ହୋଇଛନ୍ତି। ଏହାବ୍ୟତୀତ ଓଡିଶା ସରକାରଙ୍କ ସହଭାଗିତାରେ ଭର୍‌ଚୁଆଲ ଏବଂ ଏକ୍ସଟେଣ୍ଡେଡ୍ ରିୟଲିଟି ଉଦ୍ୟମିତା କେନ୍ଦ୍ର ସ୍ଥାପନ କରାଯାଇଛି ଯାହାର ଉଦ୍ଦେଶ୍ୟ ହେଉଛି ସୃଜନଶୀଳ ପ୍ରଯୁକ୍ତି କ୍ଷେତ୍ରରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରୋତ୍ସାହନ ଦେବା।

## ଶିଶୁପାଳଗଡ ଐତିହ୍ୟ ସ୍ଥଳରୁ ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନେଇଛି ଏଏସଆଇ: କେନ୍ଦ୍ର ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର, (ପିଆଇବି): ଭୁବନେଶ୍ୱର ଉପକଣ୍ଠ ଶିଶୁପାଳଗଡ ଠାରେ ଥିବା ପ୍ରାଚୀନ ଐତିହ୍ୟସ୍ଥଳୀରୁ ବେଆଇନ ଜବରଦଖଲ ଉଚ୍ଛେଦ ଲାଗି ପ୍ରତ୍ନତତ୍ତ୍ୱ ବିଭାଗ ପଦକ୍ଷେପ ନେଇଥିବା କହିଛନ୍ତି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ। ରାଜ୍ୟ ସଭାରେ ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ଶିଶୁପାଳଗଡ ଦୁର୍ଗର ଭିତର ଏବଂ ବାହାର ଅବଶେଷ ମଧ୍ୟରୁ ଅଧିକାଂଶ ଭାଗ ମାଟି ତଳେ ପୋତି ହୋଇ ରହିଛି । ଏହି ସ୍ଥାନକୁ ୨୫ ନଭେମ୍ବର ୧୯୫୦ରେ ସରକାରୀ ଗେଜେଟ୍ ବିଜ୍ଞପ୍ତି ସଂଖ୍ୟା ୩୪ ମାଧ୍ୟମରେ ସଂରକ୍ଷିତ ଐତିହ୍ୟ ସ୍ଥଳୀ ରୂପେ ଘୋଷଣା କରାଯାଇଥିଲା। ମୋଟ୍ ସଂରକ୍ଷିତ ଐତିହ୍ୟସ୍ଥଳୀର ପରିସର ୫୬୨.୬୮୧ ଏକର ହୋଇଥିବା ବେଳେ ଉଭୟ ସରକାରୀ ଏବଂ ଘରୋଇ ମାଲିକାନାରେ ଜମି ରହିଛି । ବେଆଇନ କାର୍ଯ୍ୟକଳାପ ବିରୋଧରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବ ?କ୍ଷଣ ସଂସ୍ଥା (ଏଏସଆଇ) ଅଭିଯୋଗ ଦାୟର କରିଛି।

ପ୍ରାଚୀନ ସ୍ମାରକୀ ଏବଂ ପ୍ରତ୍ନତାତ୍ତ୍ୱିକ ସ୍ଥାନ ଏବଂ ଅବଶେଷ ଆଇନ, ୧୯୫୮ ଏବଂ ନିୟମ ୧୯୫୯ ଆଧାରରେ ଖିଲାପକାରୀଙ୍କୁ ନୋଟିସ ଜାରି କରାଯାଇଛି। ଶିଶୁପାଳଗଡରେ ଜବରଦଖଲକୁ ନେଇ ହାଇକୋର୍ଟରେ ମଧ୍ୟ ଏକ ମାମଲା ଦାୟର କରାଯାଇଥିଲା। ବର୍ତ୍ତମାନ ମାମଲାର ସମାଧାନ ହୋଇସାରିଛି ।

## ବ୍ରଜରାଜନଗରରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ




ବ୍ରଜରାଜନଗର, (ସ୍ୱ.ପ୍ର): ବବ୍ରଜରାଜନଗର ଥାନାରେ ଆମ ପୁଲିସ୍ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଥାନା ଆଇଆଇସି ଧବଳେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ମଦନ ନାୟକ, ରାମପୁର ଫାଣ୍ଡି ଅଧିକାରୀ ସୁଦର୍ଶନ ବେହେରା ଉପସ୍ଥିତ ଥିଲେ । ଏଥିରେ ଆସନ୍ତା ଜାନୁଆରୀ ୧୮ ତାରିଖରେ ଥାନା ପରିସରରେ ଏକ ରକ୍ତଦାନ ଶିବିର କରାଯାଉଥିବା ଥାନାଧିକାରୀ ଶ୍ରୀ ସାହୁ ସୂଚନା ଦେବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

ପରେ ବୈଠକରେ ଦ୍ରୁତ ବାଇକ୍ ଚାଳନା, ଦର୍ଶନୀୟ ସ୍ଥାନ ଚଣ୍ଡୀ ମନ୍ଦିର, ଲକ୍ଷ୍ମୀ ନାରାୟଣ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁରକ୍ଷା ଲାଗି ସିସିଟିଭି କ୍ୟାମେରା ଲଗାଇବାକୁ ପ୍ରସ୍ତାବ ଦିଆଯାଇଥିଲା । ଏହା ସହ ୪୯ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟରେ ଟ୍ରକ ପାର୍କିଂ, ରାସ୍ତା କଡ଼ରେ ମାଂସକଟା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ସ୍ୱତନ୍ତ୍ର ମାଂସ ମାର୍କେଟ ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ସମିତିରେ ଯୋଗଦାନ କରିଥିବା ନୂଆ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ବୈଠକରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀ ମିଶ୍ରଙ୍କ ସମେତ ସଦସ୍ୟମାନେ ଯୋଗ ଦେଇଥିଲେ।

## ଜାନୁଆରି ୨୦୨୬ ବର୍ଷ ପାଇଁ 'ଇଗ୍‌ନୋ'ରେ ନାମଲେଖା ଆରମ୍ଭ

ଭୁବନେଶ୍ୱର, (ପିଆଇବି): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍‌ନୋ) ପକ୍ଷରୁ ଜାନୁଆରୀ-୨୦୨୬ ଶିକ୍ଷା ସତ୍ର ପାଇଁ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗ୍ରହୀ ଛାତ୍ରଛାତ୍ରୀମାନେ ଆସନ୍ତା ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ନାମ ଲେଖାଇ ପାରିବେ।

ବିଭିନ୍ନ କାରଣରୁ ଅଧାରୁ ପାଠଛାଡ଼ିଥିବା କିମ୍ବା ଉଚ୍ଚ ଶିକ୍ଷାର ସୁଯୋଗରୁ ବଞ୍ଚିତ ଯେକୌଣସି ବୟସର ବ୍ୟକ୍ତିଙ୍କ ପାଇଁ ଇଗ୍‌ନୋ ଏହି ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଛି। ଇଗ୍‌ନୋର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର), ପିଜି ଡିପ୍‌ଲୋମା (ସ୍ନାତକୋତ୍ତର ଡିପ୍‌ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ସୁବିଧା ଉପଲବ୍ଧ ରହିଛି।

ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ ଅନ୍ତର୍ଗତ କଳା (ସାଧାରଣ), ବିଜ୍ଞାନ (ସାଧାରଣ) ଓ ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ଲେଖାଉଥିବା, ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃପଞ୍ଜୀକରଣ ଦେୟରେ ୫୦ ପ୍ରତିଶତ ଛାଡ଼ କରାଯାଇଛି। ଯଦି କୌଣସି ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ତେବେ ସେମାନେ ଇଗ୍‌ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ ।

ଆଗ୍ରହୀ ଛାତ୍ରଛାତ୍ରୀମାନେ ଇଗ୍‌ନୋ ୱେବସାଇଟ www.ignou.ac.in କିମ୍ବା http://ignouadmission.samarth.edu.in ମାଧ୍ୟମରେ ଯୋଗାଯୋଗ କରିପାରିବେ। ଏହା ସହିତ ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର ସହ ଇ-ମେଲ rcbhubaneswar@ignou.ac.in ଏବଂ admissionrc21@ignou.ac.in ମାଧ୍ୟମରେ ମଧ୍ୟ ଯୋଡ଼ି ହୋଇପାରିବେ।

ଯୋଗାଯୋଗ ପାଇଁ ଦୂରଭାଷ ନମ୍ବର ୦୬୭୪-୨୯୭୧୦୭୧ କିମ୍ବା ୦୬୭୪-୨୩୦୧୩୪୮ ମାଧ୍ୟମରେ ମଧ୍ୟ ସମ୍ପର୍କ କରିପାରିବେ। ଏ ସମ୍ପର୍କରେ ଇଗ୍‌ନୋ, ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ରାୟଗଡ଼ ଚୈତି ମହୋତ୍ସବ ଉଦ୍‌ଘାଟିତ



ରାୟଗଡ଼: ରାୟଗଡା ଜିଲ୍ଲା ଲୋକ ମୋହତ୍ସବ ଚୈତି ବହୁ ଆଡମ୍ବର ସହକାରେ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡିଆରେ ଉଦ୍ଘାଟନ ହୋଇଯାଇଛି । ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ତତ୍ୱାବଧାନରେ ରାୟଗଡା ଅଧିଷ୍ଠାତ୍ରୀ ଦେବୀ ମା ମଝିଘରିଆଣି ଓ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରୁ ଆଜ୍ଞାମାଳ ଓ ମଶାଲ ସମେତ କଳସ ଯାତ୍ରା କରି ହଜାର ହଜାର ସଂଖ୍ୟାରେ ଜନ ସମୂହ, ପାରମ୍ପରିକ ଲୋକନୃତ୍ୟ ସହ ସାଂସ୍କୃତିକ ବାଦ୍ୟ କୀର୍ତନ ପଦଯାତ୍ରାରେ ବାହାରି ନଗର ପରିକ୍ରମା ସାରିବା ପରେ ଜିସିଡ଼ି ପଡିଆ ଚୈତି ମଣ୍ଡପ ଠାରେ ପହଂଚିଥିଲେ । ମଞ୍ଚରେ ଚତୁର୍ଦ୍ଧା ମୂର୍ତ୍ତି ସମେତ ମା ମଝିଘରିଆଣୀଙ୍କୁ ଅଭିସିତ କରାଯାଇଥିଲା ପ୍ରଥମ ରାଜନୀର ଉଦଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ତଥା ଅଣୁ , କ୍ଷୁଦ୍ର ଓ ମଧ୍ୟମ ଉଦ୍‌ଯୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାୟଗଡା ବିଧାୟକ କାଡ୍ରାକା ଆପାଲସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା ଓ ଗୁଣପୂର ବିଧାୟକ ସତ୍ୟଜିତ ଗମାଙ୍ଗ ଏବଂ ରାୟଗଡା ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାଏକ ପ୍ରମୁଖ ଯୋଗଦାନ କରିଥିଲେ ।ମୁଖ୍ୟ ଅତିଥି ପ୍ରଥମେ ଚୈତି ଓ ପଲ୍ଲୀଶ୍ରୀ ମେଳାକୁ ଉଦଘାଟନ ପୂର୍ବକ ସମସ୍ତ ଷ୍ଟଲ ବୁଲି ପରିଦର୍ଶନ କରିବା ପରେ ଚୈତି ମଞ୍ଚରେ ଯୋଗଦାନ କରିଥିଲେ । ଉପସ୍ଥିତ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ବନ୍ଦେ ମାତରଂ ସଙ୍ଗୀତ ଗାନରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ସମସ୍ତ ଅତିଥିଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରି ନିଜର ସ୍ୱାଗତ ଭାଷଣ ରଖିଥିଲେ । ଚଳିତ ବର୍ଷ ଚୈତି ସମସ୍ତଙ୍କ ମନରେ ଉନ୍ମାଦ ନେଇଆସିଛି କ୍ଷ ସମସ୍ତେ ଜିଲ୍ଲାବାସୀ ସ୍ୱଦେଶୀ ମେଳା ଓ ପଲ୍ଲୀଶ୍ରୀ ମେଳାକୁ ବୁଲିବା ସହ ଉପଭୋଗ କରିବା ପାଇଁ କହିଥିଲେ । ଗୁଣପୁର ବିଧାୟକ ଶ୍ରୀ ଗମାଙ୍ଗ ଜିଲ୍ଲାର ବିକାଶ ପାଇଁ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ପ୍ରକାଶ କରିଥିଲେ । ବିଷମକଟକ ବିଧାୟକ ଶ୍ରୀ ହିକକା ଜିଲ୍ଲାର ପର୍ଯ୍ୟଟନ ସ୍ଥଳି ତଥା ଦେବଗିରି, ପାଇକପଡା, କୁମୁଡାବାଲି, ମୀନଝୋଲାକୁ ଉନ୍ନତି କରିଲେ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ ଘଟିବ ବୋଲି କହିଥିଲେ । ସେହିଭଳି ରାୟଗଡା ବିଧାୟକ ଶ୍ରୀ କାଡ୍ରାକା କହିଥିଲେ ଯେ ମୋ ମାଟି ମୋ ପାଣି ମୋ ଜଙ୍ଗଲକୁ ଏହି ମଞ୍ଚ ପ୍ରଣାମ କରୁଛି ।

# ନୂତନ ବିଦ୍ୟୁତ ଗ୍ରୀଡ ଉଦଘାଟନ କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ

ଝାରସୁଗୁଡା ( ସ୍ୱ ପ୍ର) - ଜିଲ୍ଲାର କୋଲାବିରା ବ୍ଲକ ଅନ୍ତର୍ଗତ ପୋଖରାସାଲେ ଠାରେ ଗତ ୨୧ ତାରିଖ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ କରକମଳରେ ୩୩/ ୧୧ କେଭିଏ ର ଏକ ନୂତନ ପାଓ୍ୱାର ଷ୍ଟେସନ ଉଦଘାଟିତ ହୋଇଯାଇଛି ।ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡିଶା ର ଉପମୁଖ୍ୟମନ୍ତ୍ରୀ ତଥା କୃଷି, ଶକ୍ତି ବିଭାଗ ର ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ଭାବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଟିପିଡବ୍ଲୁଡିଏଲ ର ସିଇଓ ପ୍ରବୀଣ ବର୍ମା, ସିଡିଓ ବିଶ୍ୱ ରଞ୍ଜନ ମଲ୍ଲିକ, ଏସ ଇ ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।ମୁଖ୍ୟ ଅତିଥି




ଉପ ମୁଖ୍ୟମନ୍ତ୍ରୀ ସିଂ ଦେଓ କହିଥିଲେ ଯେ ପୋଖରାସାଲେ ଠାରେ ଉଦଘାଟିତ ହୋଇଥିବା ୩୩/ ୧୧ କେଭିଏ ପାଓ୍ୱାର ସବ ଷ୍ଟେସନ ଦ୍ୱାରା ପୋଖରାସାଲେ ଓ ଝିଲ୍ଲାପାଲି ଗ୍ରାମପଞ୍ଚାୟତ ଅଂଚଳରେ ଲୋ ଭୋଲଟେଜ ସମସ୍ୟା ଦେଖାଯିବ ନାହିଁ ଏବଂ ଏହା ସହିତ ଏହି ଅଂଚଳର ଲୋକମାନେ ୨୪ ଘଣ୍ଟା ବିଦ୍ୟୁତ ସେବା ପାଇ ପାରିବେ ବୋଲି କହି ବିନା କାରଣରେ ବିଦ୍ୟୁତ ଖର୍ଚ୍ଚ ନ କରିବା ପାଇଁ ଉପସ୍ଥିତ ଜନସାଧାରଣ ଙ୍କୁ ନିବେଦନ କରିଥିଲେ ।ବରଗଡ଼ ସାଂସଦ ଶ୍ରୀ ପୁରୋହିତ ବିଦ୍ୟୁତ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ମାନେ ସାଧାରଣ ଜନତାଙ୍କ ସହିତ ସୁସମ୍ପର୍କ ରଖିବା ପାଇଁ ପରାମର୍ଶ ଦେଇଥିଲେ ।ଝାରସୁଗୁଡା ବିଧାୟକଶ୍ରୀ ତ୍ରିପାଠୀ ପିଏମ ସୂର୍ଯ୍ୟଘର ଯୋଜନାରେ ଆମେ କିପରି ଲାଭବାନ ହୋଇ ପାରିବା, ସାଧାରଣ ଲୋକ କିପରି ଭାବରେ କମ ବିଲ ପୈଠ କରିବେ ସେ ନେଇ ମତ ବ୍ୟକ୍ତ କରିଥିଲେ ।ଏହି ଗ୍ରୀଡ ଅଂଚଳବାସୀଙ୍କ ବହୁ କାମ ରେ ଆସିବା ସହିତ ବହୁ ସମସ୍ୟା ର ସମାଧାନ ହୋଇ ପାରିଛି ବୋଲି କହିବା ସହିତ ଉପମୁଖ୍ୟମନ୍ତ୍ରୀ ଉଦଘାଟନ କାର୍ଯ୍ୟରେ ଯୋଗ ଦେଇଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୋଲାବିରା ବିଡ଼ିଓ ଅଶୋକ କୁମାର ମାଝୀ,ପ୍ରେମସେନ ରାୟ, ରାଜେନ୍ଦ୍ର କୁମାର ଦାଶ, ଲିଙ୍କନ ତଣ୍ଡକାର, ମହିଳା ମୋର୍ଚ୍ଚା ସଭାପତି ଲତିକା ସାହୁ, ପ୍ରମୁଖ ଉପସ୍ଥିତ ଥିଲେ ।

# କୋଲାବିରା କୃଷକ ସମାବେଶରେ ଯୋଗଦେଲେ ଉପ ମୁଖ୍ୟମନ୍ତ୍ରୀ

ଝାରସୁଗୁଡା ( ସ୍ୱ ପ୍ର)- ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଗତ ୨୧ ତାରିଖ ଜିଲ୍ଲା ଗସ୍ତରେ ଆସି କୋଲାବିରା ଗ୍ରାମରେ ଏକ ପଦଯାତ୍ରାରେ ସାମିଲ ହୋଇ ଶନି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କୃଷକ ସଭାରେ ଯୋଗଦେଇଥିଲେ ।ଅନୁଷ୍ଠିତ ସଭାରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବର୍ତ୍ତମାନର ବିଜେପି ସରକାର ରେ କୃଷକ ମାନଙ୍କ ପ୍ରତି ଅତ୍ୟାଚାର ଓ ଅନ୍ୟାୟ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । ଚାଷୀ ମାନଙ୍କ ଧାନ ବିକ୍ରୟ ବିଳମ୍ବ ହେଉଥିଲେ ମଧ୍ୟ ଚିନ୍ତା କରିବାର କିଛି ନାହି ବୋଲି କହିବା ସହ ଚାଷୀ ଙ୍କ ଧାନ ସରକାର ଉଚିତ୍ ମୂଲ୍ୟରେ କିଣିବେ ବୋଲି କହିଥିଲେ । ଯେଉଁ ମିଲ ମାଲିକ ଧାନରେ କଟନି ଛଟନି କରିବା ପାଇଁ ଚାଷୀଙ୍କ ଉପରେ ଚାପ ପକାଉଛନ୍ତି ତାଙ୍କର ତାଲିକା ପ୍ରଦାନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଘୋଷଣା




କରିଥିଲେ ।ଏହାସହ ଚାଷୀ ମାନେ ଧାନ ବ୍ୟତୀତ ଅନ୍ୟ ଫସଲ ଯଥା ମାଣ୍ଡିଆ ଓ ଡାଲି ଜାତୀୟ ଫସଲ ଅମଳ କରିବା ପାଇଁ ମୁଖ୍ୟଅତିଥି ଶ୍ରୀ ସିଂ ଦେଓ ଚାଷୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଅନୁଷ୍ଠିତ କୃଷକ ସଭାରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମିଲର୍ସ ଙ୍କ ଦ୍ୱାରା କୃଷକ ଶୋଷଣ ନୀତି କୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । କେତେକ ମିଲ ମାଲିକ ବିଜେଡିର ଏଜେଣ୍ଟ ସାଜି ଚାଷୀ ମାନଙ୍କୁ ଆନ୍‌ଦୋଳନ କରିବା ପାଇଁ ପ୍ରବର୍ତ୍ତାଉଛନ୍ତି ।ଏଣୁ ମିଲର୍ସଙ୍କ ଏପରି କାର୍ଯ୍ୟକୁ ବିରୋଧ କରାଯିବକ୍ଷ ସହ ଚାଷୀ ଧାନ ରେ କଟନି ଛଟନି ମୋଟା ମୋଟି କରି ଦିଆଯିବ ନାହିଁ ବୋଲି କହିଥିଲେ । ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପୂର୍ବ ସରକାର ସମୟରେ ଯେତେ ଉନ୍ନତି ମୂଳକ କାର୍ଯ୍ୟ ହୋଇ ପାରିନାହିଁ ତାହା ନୂତନ ବିଜେପି ସରକାର ର ଦେଢ଼ ବର୍ଷ ରେ ପୁରଣ ହୋଇ ପାରିଛି ବୋଲି କହିଛନ୍ତି ।ଜନସାଧାରଣ ଙ୍କ ଆଶୀର୍ବାଦ ରହିଲେ ଝାରସୁଗୁଡ଼ା ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ନିଶ୍ଚିତ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଏଥିରେ ଜିଲ୍ଲାପାଳ କୃଣାଲ ମୋତିରାମ ଚହ୍ୱାନ , ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାଏକ, କୋଲାବିରା ବିଡ଼ିଓ ଅଶୋକ ମାଝୀ,ଉଦ୍ୟାନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ କ୍ଷ ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ଧନ୍ୟବାଦ୍ ଦେଇଥିଲେ ।ସେଓ୍ୱା ର ଫାଇନାନ୍ସ ମ୍ୟାନେଜର ଶ୍ରୀକାନ୍ତ କଉଡ଼ି ସଭା ପରିଚାଳନା କରିଥିଲେ। ଏହି ଉତ୍ସବ ରେ ୩ ଜଣ ଲଙ୍କା ଚାଷୀ ଙ୍କ ସହ ମହିଳା ଏସଏଚ୍‌ଜି ର ସଦସ୍ୟା ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା କ୍ଷ କୃଷକ ସଭା ପ୍ରାରମ୍ଭରେ ପୁରାତନ ଜୟପୁର ଗଡ ତଥା କୋଲାବିରାର ପୂର୍ବତନ ଜମିଦାର ସ୍ୱାଧୀନତା ସଂଗ୍ରାମୀ ସହୀଦ କରୁଣାକର ସିଂହ ନାଏକଙ୍କ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କରୁଣାକର ସହୀଦ ସ୍ମୃତି ଟ୍ରଷ୍ଟର ସଭାପତି ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ଓ ଅନ୍ୟ ସଦସ୍ୟ ଓ ସଦସ୍ୟା ଯୋଗଦେଇ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ମାଲ୍ୟାର୍ପଣ ପରେ ଜଗନ୍ନାଥ ମନ୍ଦିର ରୁ ଶନି ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

# କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ କିଟ୍ ନହ୍ନିପରୀ ୨୦୨୫



ଭୁବନେଶ୍ୱର: କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ କିଟ୍‌ନହ୍ନିପରୀ ଲିଟିଲ୍‌ମିସ୍‌ଇଣ୍ଡିଆ ୨୦୨୫ ଟାଇଟେଲ୍‌ହାସଲ୍‌କରିଛନ୍ତି। କିଟ୍‌ଫିଲ୍ମ ଆଣ୍ଡ ଫେସନ ସ୍କୁଲ୍ ପକ୍ଷରୁ ଆୟୋଜିତ 'କିଟ୍ ନହ୍ନିପରୀ ଲିଟିଲ୍‌ମିସ୍‌ଇଣ୍ଡିଆ' ୨୦୨୫ର ଫାଇନାଲ୍‌ତଥା ମେଗା ରାଉଣ୍ଡ ମଙ୍ଗଳବାର ଶେଷ ହୋଇଛି। ଫାଇନାଲ୍ ରାଉଣ୍ଡରେ ସମଗ୍ର ଦେଶରୁ ୯ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ସମୃଦ୍ଧି ନହ୍ନିପରୀ ମୁକୁଟ ସହ ୧୦ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ଲାଭ କରିଛନ୍ତି। ସେମିଫାଇନାଲ୍‌କୁ ୩୫ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ଜଣ ଫାଇନାଲ୍ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲେ। ମଧ୍ୟପ୍ରଦେଶର ପ୍ରାଞ୍ଜଳ ଶର୍ମା ପ୍ରଥମ ଉପବିଜେତା ହୋଇଥିବା ବେଳେ ତେଲେଙ୍ଗାନାର ପି ପ୍ରାର୍ଥନୀ ଦ୍ୱିତୀୟ ଉପବିଜେତା ହୋଇଥିଲେ। ଏହି ଦୁଇ ଉପବିଜେତାଙ୍କୁ ଯଥାକ୍ରମେ ୫ ଲକ୍ଷ ଓ ୩ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଇନାଲ୍ ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା। ଏହି ଅବସରରେ କିଟ୍ ନହ୍ନିପରୀ ମୁଖ୍ୟ ପୃଷ୍ଠପୋଷକ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଫାଇନାଲ୍ ରାଉଣ୍ଡରେ ଫେମିନା ମିସ୍ ଇଣ୍ଡିଆ ୱାର୍ଲଡ ୨୦୨୪ ବିଜେତା ନିକିତା ପରୱାଲ୍, ଫେମିନା ମିସ୍ ଇଣ୍ଡିଆ ୱାର୍ଲଡ ୨୦୨୩ ବିଜେତା ନନ୍ଦିନୀ ଗୁପ୍ତା, ଫେମିନା ମିସ୍ ଇଣ୍ଡିଆ ୨୦୨୪ ପ୍ରଥମ ଉପବିଜେତା ରେଖା ପାଣ୍ଡେ, ଅଲିମ୍ପିଆନ୍ ଅମିତ ରୋହିଦାସ, ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଡା. ଜୟନ୍ତ କୁମାର ଦାସ ପ୍ରମୁଖ ଜୁରୀ ଭାବେ ଯୋଗ ଦେଇଥିଲେ।ଏହି ପ୍ରତିଯୋଗିତାର ୧୦ଟି ବିଭିନ୍ନ ବିଭାଗ ଯଥା ମିସ୍ ରାପୁଞ୍ଜେଲ୍ (ସୁନ୍ଦର କେଶ) ପାଇଁ ତ୍ରିଶା ଜୈନ (ରାଜସ୍ଥାନ), ଲିଟିଲ୍ ମିସ୍ ଫଟୋଜେନିକ ପାଇଁ ପ୍ରାଞ୍ଜଳ ଶର୍ମା (ମଧ୍ୟପ୍ରଦେଶ), ଲିଟିଲ୍ ମିସ୍ ସେଲ୍‌ଫି ପାଇଁ (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍) ସୁଦେଷ୍ଣା ଗୁରୁଙ୍ଗ (ସିକିମ), ଲିଟିଲ୍ ମିସ୍ ମୋନାଲିସା ଖୁସାଲୀ ଗୁର୍ଜର (ରାଜସ୍ଥାନ), ଲିଟିଲ୍ ମିସ୍ ଉଇଜ୍‌କିଡ୍ (କୁଇଜ୍‌ରେ ସର୍ବାଧିକ ନମ୍ବର) ଆହାନା ସିଂହ ଚୌହାନ (ଦିଲ୍ଲୀ), ମିସ୍ ସିଣ୍ଡ୍ରେଲା (ଶ୍ରେଷ୍ଠ ବ୍ୟକ୍ତିତ୍ୱ) ଶର୍ମିଷ୍ଠା ସାଇକିଆ (ଆସାମ), ମିସ୍ ଉର୍ବଶୀ (ଶ୍ରେଷ୍ଠ ଜ୍ଞାନର ଅଧିକାରିଣୀ) ସମୃଦ୍ଧି ତ୍ରିପାଠି (କର୍ଣ୍ଣାଟକ), ମିସ୍ ପର୍ସନାଲିଟି ଜିୟା ନେଭାନୀ (ରାଜସ୍ଥାନ), ମିସ୍ ଫେସନ ସ୍ୱର୍ଣ୍ଣିକା ଖୋଲିୟା (ଓଡ଼ିଶା) ଏବଂ ମିସ୍ ଫିଟ୍ ପାଇଁ ଯଶଶ୍ରୀ ସାଗରିକା (ଓଡ଼ିଶା) ପୁରସ୍କୃତ ହୋଇଥିଲେ। ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ନଗଦ ୨୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି, ମୁକୁଟ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

## ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ବ୍ରଜରାଜନଗର ଗସ୍ତ

# ଛତୁଆ ପ୍ରସ୍ତୁତି କେନ୍ଦ୍ର, ଅଙ୍ଗନବାଡି କେନ୍ଦ୍ର, ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ

ଝାରସୁଗୁଡ଼ା, (ସ୍ୱ.ପ୍ର): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଝାରସୁଗୁଡ଼ା ଗସ୍ତରେ ଆସି ଜିଲ୍ଲା ପ୍ରଶାସନ ସହିତ ଆଲୋଚ଼ନାନା କରିଛନ୍ତି । ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ସମେତ ଅନ୍ୟାନ୍ୟ ସ୍ଥାନକୁ ମଧ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଆକସ୍ମିକ ପରିଦର୍ଶନ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲା ଗସ୍ତ ଅବସରରେ ଆସିଥିବା ଆୟୋଗ ମଙ୍ଗଳବାର ବ୍ରଜରାଜନଗରକୁ ଆକସ୍ମିକ ଗସ୍ତରେ ଆସିଥିଲେ। ଶିଶୁ ଯତ୍ନ ଅନୁଷ୍ଠାନ, ଅଙ୍ଗନବାଡି କେନ୍ଦ୍ର, ଛତୁଆ ପ୍ରସ୍ତୁତି କେନ୍ଦ୍ର ଆଦି ଗସ୍ତ କରିଥିଲେ । ଏହା ଏହିତ ଅନୁଷ୍ଠିତ ଏକ ବାଳ ସଭାରେ ଯୋଗଦାନ କରି ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଗଠନକୁ ନେଇ ସଚେତନତା କାର୍ଯ୍ୟକ୍ରମରେ ମଧ ଯୋଗ ଦେଇଥିଲେ। ସେହିପରି ବ୍ରଜରାଜନଗର ଖଳିଆକାନିରେ ଥିବା ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଅଚାନକ ପରିଦର୍ଶନ କରି ଶିଶୁ ଓ ଗର୍ଭବତୀ ମହିଳା ମାନଙ୍କ ପାଇଁ କେଉଁ ପରିବେଶରେ ଛତୁଆ ତିଆରି ହେଉଛି ଏବଂ ସରକାରଙ୍କ ସମସ୍ତ ଗାଇଡଲାଇନକୁ ପାଳନ କରାଯାଉଛି ନା ନାହିଁ ତାକୁ ନିରୀକ୍ଷଣ କରିବା ସହିତ ଆଲୋଚ଼ନା କରିଥିଲେ। କୌଣସି ସ୍ଥାନରେ ତ୍ରୁଟି ବିଚ୍ୟୁତି ଦେଖାଦେଲେ ଆୟୋଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଅଧକ୍ଷା ସୂଚନା ଦେଇଛନ୍ତି । ଶିଶୁ ଏବଂ ଗର୍ଭବତୀ ମହିଳା ମାନେ କିପରି ପୌଷ୍ଟିକ ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରର ବିଭିନ୍ନ ଶିଶୁ ଯତ୍ନ ଖାଦ୍ୟ ପାଇବେ ଏବଂ ସେମାନଙ୍କର ସଠିକ ବିକାଶ ହେବ ତାକୁ ନେଇ ଆୟୋଗ ସମସ୍ତ କାର୍ଯ୍ୟକ୍ରମ ହାତକୁ ନେଉଥିବା ଅଧକ୍ଷା କହିଥିଲେ। ଏହା ସହିତ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ସହିତ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଶିଶୁ ଅଧିକାର ସୁରକ୍ଷାକୁ ନେଇ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚ଼ନା କରିଥିଲେ ।

# ଉପମୁଖ୍ୟମନ୍ତ୍ରୀଙ୍କୁ ଗାୟତ୍ରୀ କୃଷକ ସଂଘ ପକ୍ଷରୁ ଦାବିପତ୍ର

## ଧାନକିଣା ଅବ୍ୟବସ୍ଥା ଦୂର ହେଉ

ଝାରସୁଗୁଡ଼ା, (ସ୍ୱ.ପ୍ର): ହେବ ତାକୁ ନେଇ ଅନିଶ୍ଚିତତା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ଲାଗି ରହିଥିବା ବେଳେ ମଣ୍ଡି ଖୋଲି ସିଂହଦେଓ ରବିବାର କୋଲାବିରା ଗ୍ରାମରେ ଆୟୋଜିତ କୃଷକ ସଭାରେ ଯୋଗ ଦେଇଥିଲେ। ଧାନକିଣାକୁ ନେଇ ଲାଗି ରହିଥିବା ବ୍ୟାପକ ଅବ୍ୟବସ୍ଥା ବିରୋଧରେ ଗାୟତ୍ରୀ କୃଷକ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ଯୋଗାଣ ବିଭାଗର ବେପରୁଆ ମନୋଭାବ ଯୋଗୁ କେବେ ଧାନକିଣା ସାରିବା ପରେ ବି ଚାଷୀଙ୍କୁ ଟୋକନ୍ ମିଳୁନି, ପଞ୍ଜୀକରଣ ସମୟରେ ଦିଆଯାଇଥିବା ତଥ୍ୟ ଅନୁସାରେ ଟୋକନ ଆସୁନଥିବା, ଅଣ ଜଳସେଚିତ ଜମିରେ ବି ଏକର ପିଛା ୨୫ କ୍ୱିଣ୍ଟାଲ ଧାନ ଅମଳ ହୋଇଥିବା ବେଳେ ୧୩ କ୍ୱିଣ୍ଟାଲ ଧାନ ବିକିବାକୁ ଅନୁମତି ମିଳିଛି। ସେହିପରି କଟନି ଛଟନି ବନ୍ଦ ହେଉନି, ମାର୍କେଟ୍ ୟାର୍ଡ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉନି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ସେପଟେ, ଭେଡେନ୍ ନଦୀର ଗୁଛାପାଲି ବୃହତ୍ ଉଠା ଜଳସେଚନ ପ୍ରକଳ୍ପରୁ କେବଳ ଗୁଛାପାଲି, ଅମନାପାଲିକୁ ପାଣି ଆସୁଥିବା ବେଳେ ରେଙ୍ଗାଲପାଲି, ସୋଡାମାଲ, ଭିମଜୋର ଓ କଣ୍ଡାପାଲିବାସୀ ପାଣି ପାଉନଥିବା ନେଇ ସୋଡାମାଲ ସରପଞ୍ଚ ଲିଖିତ ଅଭିଯୋଗ କରିଥିଲେ।

# ବ୍ରାଉନସୁଗର ଜବତ, ୩ ଗିରଫ




ଝାରସୁଗୁଡ଼ା, (ସ୍ୱ.ପ୍ର): ଅପରେସନ୍ ନେତ୍ର ପରିପ୍ରେକ୍ଷୀରେ ଗତ ୧୬ ତାରିଖ ଦିନ ଝାରସୁଗୁଡା ଥାନା ପୁଲିସ ବୁରୋମାଲ ଅଞ୍ଚଳରେ ଚଢ଼ଉ ଚଢ଼ାଉ କରିବା ୧୯୮ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଏହା ସହିତ ଏକ ବାଇକ (ଓଡ଼ି ୨୩ଏସ୍-୯୮୨୨) ସମେତ ୩ଟି ମୋବାଇଲ ଫୋନ, ନଗଦ ୨୭୩୦ ଟଙ୍କା ମଧ ଜବତ କରାଯିବା ସହ ଏହି ଘଟଣାରେ ସଂପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ହେଲେ ମଙ୍ଗଳବଜାରର ମଣ୍ଟୁ ଓରଫ ସୁଶାନ୍ତ କୁମ୍ଭାର (୩୧), ବଙ୍ଗାଳୀପଡ଼ାର ଲିଡି ଓରଫ ରାକେଶ ସିନ୍ଧି (୩୫) ଓ ସମ୍ବଲପୁର ଜିଲ୍ଲା ସମ୍ବଲପୁର ବାମରା ବ୍ଲକ୍ ଗଡ଼ପୋଷ କୁଲିପଡ଼ାର ନବି ଖାଁ (୫୮)। ବୁରୋମାଲ ଅଞ୍ଚଳରେ ବ୍ରାଉନସୁଗର ଗଚ୍ଛିତ ଓ ବିକ୍ରି ସଂପର୍କରେ ଖବର ପାଇ ପୁଲିସ୍ ସକାଳୁ ସେଠାକାର କଳାତଲାବ ନିକଟରେ ଚଢ଼ଉ କରିଥିଲା।

# ଓପିଏମ ଖେଳପଡିଆରେ ସାଂସଦ ଖେଳ ମହୋତ୍ସବ ଉଦଘାଟିତ



ବ୍ରଜରାଜନଗର ( ସ୍ୱ ପ୍ର) - ସ୍ଥାନୀୟ ଓପିଏମ ଖେଳ ପଡିଆଠାରେ ସାଂସଦ ଖେଳ ମହୋତ୍ସବ ଗତ ୨୧ ତାରିଖ ଉଦଘାଟିତ ହୋଇଯାଇଛି ।ଅପରାହ୍ନରେ ମା ରାମଚଣ୍ଡୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ବାହାରି ଖେଳ ପଡିଆ ପର୍ଯ୍ୟନ୍ତ ଆସିଥିଲା ।ସନ୍ଧ୍ୟା ସମୟରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ଓଡିଶା ସରକାରଙ୍କ ଉପ ମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ରାଜସ୍ୱ ଓ ବିପର୍ଯ୍ୟସ୍ତ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଇବକ୍ଷେତ୍ର ମହାପ୍ରବନ୍ଧକ ଜିତେନ୍ ତିଓ୍ୱାରୀ, ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାନ, ଉପ ଜିଲ୍ଲାପାଳ ତଥା ସାଂସଦ ଖେଳ ମହୋତ୍ସବର ସଭାପତି ସବ୍ୟସାଚୀ ପଣ୍ଡା ପ୍ରମୁଖ ମଂଚାସୀନ ଥିଲେ । ଅତିଥି ମାନେ ଭାରତ ମାତା, ମା ରାମଚଣ୍ଡୀ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ଜଳନ କରିଥିଲେକ୍ଷ ସାଂସଦ ଖେଳ ମହୋତ୍ସବରେ ଝାରସୁଗୁଡା ଜିଲାରୁ ୨୫୦୦ ରୁ ଉର୍ଦ୍ଧ୍ୱ ଖେଳାଳି ମୋଟ ୨୦ଗୋଟି ଖେଳରେ ସେମାନଙ୍କ ଖେଳ ପ୍ରତିଭା ପ୍ରଦର୍ଶନ କରବେ । ଖେଳ ୨୫ ତାରିଖ ପର୍ଯ୍ୟନ୍ତ ବ୍ରଜରାଜନଗର ର ଓପିଏମ ଗ୍ରାଉଣ୍ଡ, ଇଣ୍ଡିଗ୍ରିଟି ଗ୍ରାଉଣ୍ଡ ଓ ବୀର ସୁରେନ୍ଦ୍ର ସାଏ ଷ୍ଟାଡିଅମ ରେ ଖେଳାଯିବକ୍ଷପ୍ରଧାନ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମାଞ୍ଚଳର ଲୁକାୟିତ ପ୍ରତିଭା ମାନଙ୍କୁ ଲୋକଲୋଚ଼ନ କୁ ଆଣି ରାଷ୍ଟ୍ରୀୟ ସ୍ତରରେ ପହଂଚାଇବା ଏହି ଖେଳ ମହୋତ୍ସବର ମୂଳଲକ୍ଷ୍ୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଡିଏଭି ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀ ସ୍ୱକ୍ଷଗତ ସଙ୍ଗୀତ ଗାନ କରିଥିଲେ କ୍ଷ ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ସାଂସଦ ପ୍ରତିନିଧି ସୁନିଲ୍ ଦାସ, ସୁଶିଲ ପୁରୋହିତ,ଅନିଲ୍ କୁମାର ମନିଷ ପଟେଲ, ସାଂସଦ ଖେଳ ମହୋତ୍ସବ ଜିଲ୍ଲା ସଂଯୋଜକ ଶ୍ଲୋକ ସରନା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ଓ ଡିଏଭି ପବ୍ଲିକ ସ୍କୁଲ ଶିକ୍ଷୟତ୍ରୀ କ୍ରିଷ୍ଣା ଦେ ମଞ୍ଚ ପରିଚାଳନା କରିଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ସଭା







ଝାରସୁଗୁଡା ( ନି ପ୍ର)- ଗତ ତାରିଖ ୨୦ ଦିନ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲା ଓ ଶୈରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) ରୁ SUVAS (ସୁପ୍ରିମକୋର୍ଟ ବିଧିକ ଅନୁବାଦ୍ ସଫ୍ଟୱେର୍) କୁ ବ୍ୟବହାର କରି ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ବିଚ଼ାର ଗୁଡ଼ିକର ଇଂରାଜୀରୁ ଆଞ୍ଚଳିକ ଭାଷାକୁ ଅନୁବାଦ, ଓଡ଼ିଶା ହାଇକୋର୍ଟ ଭିଡିଓ କନଫରେନ୍ସିଂ ରୁଲର ଉପକାରିତା, ପୋକ୍‌ସୋ ନିୟମ ଓ କାର୍ଯ୍ୟକ୍ଷେତ୍ରରେ ମହିଳା ମାନଙ୍କ ଯୌନ ଉତ୍ପୀଡନ ନିୟମ ଇତ୍ୟାଦି ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ଅଶ୍ୱିନୀ କୁମାର ନାଏକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚ଼ିବ ଆଲୋକମୟୀ ପ୍ରଧାନ, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଅଧକ୍ଷ ଗୋବିନ୍ଦ ଚ଼ନ୍ଦ୍ର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଝାରସୁଗୁଡା ଉପ ଅରକ୍ଷୀ ଅଧିକ୍ଷକ ମାନ୍ଦା ହାଁସଦା ଯୋଗ ଦେଇଥିଲେ ଏବଂ ଉପରୋକ୍ତ ବିଷୟବସ୍ତୁ ଉପରେ ଆଲୋଚ଼ନା କରିବା ସହିତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧରେ ସଚେତନତା ସୃଷ୍ଟି କରିଥିଲେ । ସେହିପରି ଗତ ୧୯ ତାରିଖ ଦିନ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ଝାରସୁଗୁଡ଼ା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରସନ୍ନ ପଣ୍ଡା ଆଇନ୍ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ନାଗରିକଙ୍କ ମୌଳିକ କର୍ତ୍ତବ୍ୟ, ପୋସ୍କୋ ନିୟମ, କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ନିୟମ ସମ୍ପର୍କିତ ଏହି ଆଇନ୍ ସଚେତନତା କାର୍ଯ୍ୟକ୍ରମରେ ଝାରସୁଗୁଡା ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ଅଧକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚ଼ିବ ଆଲୋକ ମୟୀ ପ୍ରଧାନ, ଆଇନ୍ ମହାବିଦ୍ୟାଳୟର ଅଧାପକ ବିଜୟ କୁମାର ପାଣି, ଆଇ ୟୁ ସି ଏ ଡବ୍ଲ୍ୟୁ ର ଡି ଏସ ପି ବନିତା ମାଝୀ ଓ ଆଇନ୍ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧାପକ ଓ ଅଧାପିକା ମାନେ ଯୋଗ ଦେଇଥିଲେ । ଅତିଥି ମାନେ ଉପରୋକ୍ତ ବିଷୟ ବସ୍ତୁ ଉପରେ ଆଲୋଚ଼ନା କରିଥିଲେ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ ।

### ମତଦାନ କେନ୍ଦ୍ର ବ୍ୟବସ୍ଥିତ ଲକ୍ଷ୍ୟ

# ନିର୍ବାଚ଼ନ ଅଧିକାରୀଙ୍କ ଅଧକ୍ଷତାରେ ସର୍ବଦଳୀୟ ବୈଠକ

ବରଗଡ଼, (ନିପ୍ର):ବରଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଜିଲ୍ଲାର ୧ ଗୋଟି ଲୋକସଭା ନିର୍ବାଚ଼ନ ମଣ୍ଡଳୀ ଅଧିନସ୍ଥ ୫ ଗୋଟି ବିଧାନସଭା ନିର୍ବାଚ଼ନମଣ୍ଡଳୀରେ ଭୋଟରଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମତଦାନ କେନ୍ଦ୍ର ତଥା ବୁଥ ଗୁଡ଼ିକର ସୁବ୍ୟବସ୍ଥା କରଣ କରିବା ନିମନ୍ତେ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳମାନଙ୍କ ସହ ଆଲୋଚ଼ନା ବୈଠକ ଅନୁଷ୍ଠିତ ହୋଇଯାଇଛି । ସୂଚ଼ନାଯୋଗ୍ୟକି, ନିର୍ବାଚ଼ନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ସମସ୍ତ ରାଜନୈତିକ ପ୍ରତିନିଧିଙ୍କ ସହଯୋଗ ତଥା ମତାମତ ନେଇ ଜିଲ୍ଲା ନିର୍ବାଚ଼ନ ଅଧିକାରୀ ମତଦାତାଙ୍କ ଘର ପାଖରେ ବୁଥ ବ୍ୟବସ୍ଥା କରିବା ପାଇଁ ଆୟୋଗଙ୍କୁ ସୁପାରିଶ କରିବା ପରେ ୫ ଗୋଟି ବିଧାନସଭା ନିର୍ବାଚ଼ନମଣ୍ଡଳୀର ମୋଟ ୨୭୩ ଗୋଟି ନୂତନ ମତଦାନ କେନ୍ଦ୍ର କରିବା ପାଇଁ ଭାରତର ନିର୍ବାଚ଼ନ କମିଶନଙ୍କ ଅନୁମୋଦିତ ହୋଇଛି । ଯଦ୍ୱାର ୨୦୨୫ ମସିହାରେ ଜିଲ୍ଲାର ୧୩୯୭ ଗୋଟି ମତଦାନ କେନ୍ଦ୍ର ସମ୍ପ୍ରସାରୀତ ହୋଇ ୧୬୭୦ ଗୋଟି ମତଦାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷିରେ ୧-ପଦ୍ମପୁର ବିଧାନସଭା ନିର୍ବାଚ଼ନମଣ୍ଡଳୀରେ ୩୨୩ ଗୋଟି ପୂର୍ବ ମତଦାନ କେନ୍ଦ୍ର ସହ ୫୪ ଗୋଟି ନୂତନ ମତଦାନ କେନ୍ଦ୍ର କରାଯାଇ ମୋଟ ୩୭୭ ଗୋଟି ମତଦାନ କେନ୍ଦ୍ର ସ୍ଥାପନ; ୨-ବିଜେପୁର ନିର୍ବାଚ଼ନ ମଣ୍ଡଳୀର ୨୮୮ ପୁରୁଣା ମତଦାନ କେନ୍ଦ୍ରରେ ନୂତନ ଭାବେ ୬୯ ଗୋଟି ମତଦାନ କେନ୍ଦ୍ର ବର୍ଦ୍ଧିତ କରାଯାଇ ମୋଟ ୩୫୭ ଗୋଟି, ୩-ବରଗଡ଼ ନିର୍ବାଚ଼ନ ମଣ୍ଡଳୀର ୨୩୨ ଗୋଟି ପୁରୁଣା ମତଦାନ କେନ୍ଦ୍ରର ଥିବା ବେଳେ ୪୨ ଗୋଟି ଗୋଟି ନୂତନ ମତଦାନ କେନ୍ଦ୍ରକୁ ନେଇ ମୋଟ ୨୭୪ ଗୋଟି, ୪- ଅତାବିରା ନିର୍ବାଚ଼ନ ମଣ୍ଡଳୀର ପୂର୍ବରୁ ୨୬୧ ଥିବା ବେଳେ ୫୯ ଗୋଟି ନୂତନ ମତଦାନ ବୃଦ୍ଧି ହୋଇ ୩୨୦ ଗୋଟି, ଏବଂ ୫- ଭଟଲି ନିର୍ବାଚ଼ନ ମଣ୍ଡଳୀର ପୂର୍ବରୁ ୨୯୩ ଗୋଟି ମତଦାନ କେନ୍ଦ୍ର ଥିବା ବେଳେ ୪୯ ଗୋଟି ବୃଦ୍ଧି କରାଯାଇ ୩୪୨ ଗୋଟି ମତଦାନ କେନ୍ଦ୍ର କରିବା ପାଇଁ ନିର୍ବାଚ଼ନ କମିଶନଙ୍କ ଅନୁମୋଦନ କ୍ରମେ ସ୍ଥିରୀକୃତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ସମେତ ଉପଜିଲ୍ଲାପାଳ ପ୍ରସନ୍ନ । କୁମାର ପାଣ୍ଡେ, ଡେପ୍ୟୁଟି କଲେକ୍ଟର ସୁମତି ପଣ୍ଡା ଏବଂ ନିତୁଶ୍ରୀ ମେହେର ତଥା ଶିକ୍ଷା, କ୍ରିଡା, ମାଇ ଭାରତ, ଏନଏସଏସ ଏବଂ ସୂଚ଼ନା ଏବଂ ଲୋକ ସମ୍ପର୍କ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କଲେ ଗଣଶିକ୍ଷା ମନ୍ତ୍ରୀ




ଝାରସୁଗୁଡା ( ନି ପ୍ର) - ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ୧୯ ତାରିଖ ଝାରସୁଗୁଡା ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ପୂର୍ବାହ୍ନରେ ଗଣଶିକ୍ଷା ମନ୍ତ୍ରୀ ଗଣ୍ଡ ଏବଂ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଲଇକେରା ଓ କିର୍ମିରା ବ୍ଲକ ଗସ୍ତରେ ଯାଇ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି ଓ ମନ୍ତ୍ରୀ କିର୍ମିରାରେ ୨ କୋଟି ୮୦ ଲକ୍ଷ ଓ ଲଇକେରାରେ ୮୦ ଲକ୍ଷ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଓ ସେଥିରୁ ଅନୁସୂଚ଼ିତ ଜାତି ବିଭାଗ ପକ୍ଷରୁ ୫୦ଲକ୍ଷ ଟଙ୍କାରେ କିର୍ମିରା ଓ ଲଇକେରାରେ ସାଂସ୍କୃତିକ ଭବନ ଏବଂ ଲଇକେରା ଠାରେ ୩୦ ଲକ୍ଷ ଟଙ୍କା ବ୍ୟୟ ରେ ସୁଭଦ୍ରା ଭବନର ଶିଳାନ୍ୟାସ କରିଛନ୍ତି ଓ ଏହା ସହିତ ବହୁ ଗୁଡିଏ ଉନ୍ନୟନ ପ୍ରକଳ୍ପ ର ଶିଳାନ୍ୟାସ କରାଯାଇଥିଲା ଓ ଏହି ଅବସରରେ ମାନ୍ୟବର ମନ୍ତ୍ରୀ ରାଜ୍ୟ ସରକାର ପ୍ରଣୟନ କରିଥିବା ଯୋଜନା ଗୁଡିକ କିପରି ଜନସାଧାରଣଙ୍କ ପାଖରେ ପହଂଚ଼ି ପାରିବ ଏବଂ ସେଥିରୁ ଲୋକ ମାନେ କିପରି ଫାଇଦା ପାଇପାରିବେ ସେ ନେଇ ସଚେତନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ ଓ ଏହାସହ ରାଜ୍ୟ ସରକାର ଶିକ୍ଷା ର ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି,ସରକାର ଆସିବ ଦିନ ଠାରୁ ୧୫ ହଜାର ଶିକ୍ଷକ ନିଯୁକ୍ତି ପ୍ରଦାନ କରାଯାଇଥିବା କହିଛନ୍ତି ଓ ଏହାସହ ଆଗାମୀ ବର୍ଷ ମାନଙ୍କ ରେ ଶିକ୍ଷକ ନିଯୁକ୍ତି ପ୍ରଦାନ କରାଯିବ ସହ ଠିକା ଶିକ୍ଷକ ନିଯୁକ୍ତି ହେବ ନାହିଁ ବୋଲି ମନ୍ତ୍ରୀ ଗଣ୍ଡ ସୂଚ଼ନା ଦେଇଥିଲେ ।ଏହା ସହିତ ଲଇକେରା ବ୍ଲକ ଅନ୍ତର୍ଗତ ବାଗଡିହି ର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମନ୍ତ୍ରୀ ଓ ବିଧାୟକ ଛାତ୍ର ଛାତ୍ରୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟକ ଙ୍କ ସହିତ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚ଼ହ୍ୱାଣ, ଆଇଟିଡିଏ ପିଡି ସଂଜୀବ ପଟେଲ, ଲଇକେରା ବିଡ଼ିଓ, କିର୍ମିରା ବିଡ଼ିଓ ଙ୍କ ସହିତ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଭାଜପା କର୍ମକର୍ତା ଉପସ୍ଥିତ ଥିଲେ ।

# ରାଜମାତା ଗୁଣବର୍ତ୍ତୀ ସ୍ମାରକୀ ଫୁଟବଲ୍ ଉଦ୍‌ଘାଟିତ

କୋଲାବିରା, (ସ୍ୱ.ପ୍ର) : ସହିଦ କରୁଣାକର ସିଂହ ନାଏକ, ଖଗ ନାଏକ ଓ କହ୍‌ନେଇ ନାଏକ ସ୍ମୃତି ଟ୍ରଷ୍ଟ, ସମ୍ମିଳିତ ଆଦିବାସୀ ସମାଜ, ଅଞ୍ଚଳ ଭାରତୀୟ ଗୌଣ୍ଡୱାନା ଗୌଣ୍ଡ ମହାସଭା ଓ ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ସ୍ୱର୍ଗତ ରାଜମାତା ଗୁଣବର୍ତ୍ତୀ ଦେଈଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ ହୋଇଛି । ପ୍ରଥମ ଦିବସରେ ରାଜମାତା ଗୁଣବତୀ ଏଫ୍‌ସି, ବାସୁ ପାଲି ଏଫ୍‌ସି, ସୁନ୍ଦରଗଡ଼ ରେଡ, ନାଗୁପତ୍ରା, ଜୟ ଯବାନ କ୍ଲବ ଝାରସୁଗୁଡ଼ା, ଏସ୍‌ଏସ୍ ବିଜୁଲିଖମନ, ପ୍ରତୀକ ୧୧ କୁଚ଼ିଣ୍ଡା, ଗୌଣ୍ଡ ବ୍ରଦର୍ସ ଲଖନପୁର ମଧ୍ୟରେ ଖେଳ ପ୍ରତିଯୋଗିତା ହୋଇଥିଲା । ସେଥିରୁ ନାରୁପତ୍ରା ଓ ଜୟ ଯବାନ କ୍ଲବ ଝାରସୁଗୁଡ଼ା ଦଳ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି । ଆସନ୍ତାକାଲି ଫାଇନାଲ ହେବା ସହିତ ଭେଟେରାନ ଟିମ୍ ରେଡ କମାଣ୍ଡୋ ଓ ଝାରସୁଗୁଡ଼ା ମଧ୍ୟରେ ମ୍ୟାଚ୍ ହେବ । ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ପରିଷଦ ସିଇଓ ବିଶ୍ୱରଞ୍ଜନ ନାଏକ ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ପ୍ରଶାସକ ମହେନ୍ଦ୍ର ନାଏକ ଓ ଅବସରପ୍ରାପ୍ତ ବିଡିଓ ଚ଼ିହ୍ନିରୁ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଟ୍ରଷ୍ଟ ସଭାପତି ରୁଦ୍ରପ୍ରତାପ ସିଂହ, ସମ୍ପାଦକ ରାଜେଶ ନେଟି, ଅଶୋକ କୁମାର ମାଝୀ, ବିନୋଦ ବିହାରୀ ବାଘ, ପ୍ରଭାକର ଓରାମ, ଧର୍ମେନ୍ଦ୍ର କିସାନ, ଦୁଷ୍ମନ୍ତ ବରିହା, କ୍ଷମାଶୀଳ ନାଏକ, ଗୋପ କିସାନ ପ୍ରମୁଖ ମଞ୍ଚାସୀନ ଥିଲେ ।

# ଜେସିଆଇ ଝାରସୁଗୁଡ଼ାର ପ୍ରତିଷ୍ଠା ଦିବସ ପାଳିତ




ଝାରସୁଗୁଡ଼ା, (ସ୍ୱ.ପ୍ର):ସ୍ଥାନୀୟ ହୋଟେଲରେ ଜେସିଆଇ ଝାରସୁଗୁଡ଼ା ସିଟିର ତୃତୀୟ ପ୍ରତିଷ୍ଠା ଦିବସ ଓ ଶପଥ ଗ୍ରହଣ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିକାଶ ଗ୍ରୁପ୍ର ଅଧକ୍ଷ ଡି.ମୂରଲୀକ୍ରୀଷ୍ଣା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଜୋନ । ସଭାପତି ପ୍ରଣବ ଲାଠୁ ସମ୍ମାନିତ ଅତିଥି ଭାବେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ନୂତନ କାର୍ଯ୍ୟକାରିଣୀ କମିଟିର ପଦାଧିକାରୀମାନେ ଶପଥ ପାଠ କରିଥିଲେ । ୨୦୨୬ ବର୍ଷ ପାଇଁ ରବି କୁମାର ଯାଦବ ଜେସିଆଇ ଝାରସୁଗୁଡ଼ା ସିଟିର ସଭାପତି ଓ ମନିଷ ଓ ଜୈନ ସମ୍ପାଦକ ଭାବରେ ଶପଥ ନେଇଥିଲେ ।

# ଜିଲ୍ଲାସ୍ତରୀୟ ବାଳବୈଜ୍ଞାନିକ ପ୍ରଦର୍ଶନୀ ତଥା ବିଜ୍ଞାନମେଳା ଅନୁଷ୍ଠିତ

ବ୍ରଜରାଜନଗର ( ସ୍ୱ ପ୍ର ) - ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ଓପିଏମ୍ ସରକାରୀ ଉଚ୍ଚ଼ ବିଦ୍ୟାଳୟ ଠାରେ ଝାରସୁଗୁଡା ଜିଲ୍ଲା ସ୍ତରୀୟ ବାଳବୈଜ୍ଞାନିକ ପ୍ରଦର୍ଶନି ତଥା ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲା ସ୍ତରୀୟ ବାଳବୈଜ୍ଞାନିକ ପ୍ରଦର୍ଶନି ତଥା ବିଜ୍ଞାନମେଳାରେ ଓଡିଶା ସରକାରଙ୍କ ଖଣି ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚ଼ାଳନା ମନ୍ତ୍ରୀ ସୁରେଶ ପୂଜାରୀ ବିଶିଷ୍ଟ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହି ବିଜ୍ଞାନ ମେଳାରେ ବ୍ଲକସ୍ତରରୁ ଚ଼ୟନ ହୋଇଥିବା ପ୍ରକଳ୍ପଗୁଡିକୁ ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଇଥିଲା । ଏହା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସୃଜନଶୀଳତା ସୃଷ୍ଟି କରିବାର ଏକ ମାଧ୍ୟମ । ଏହି ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀରୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡିକୁ ନେଇ ଛାତ୍ରଛାତ୍ରୀମାନେ ରାଜ୍ୟ ସ୍ତରୀୟ ପ୍ରଦର୍ଶନିରେ ଅଂଶଗ୍ରହଣ କରିବେ । ଏହି ଅବସରରେ ଆୟୋଜିତ ସଭାର ପ୍ରଥମ ଅଧିବେଶନକୁ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ପଣ୍ଡା ପରିଚ଼ାଳନା କରିଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗର୍ତିଆ ସଭାପତିତ୍ୱ କରିଥିଲେ ।ମୁଖ୍ୟବକ୍ତା ଭାବରେ ଡ଼.ସୂର୍ଯ୍ୟନାରାୟଣ ପ୍ରଧାନ,ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ ଓ ବ୍ଲକ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ ପ୍ରମୁଖ ଯୋଗଦାନ କରିଥିଲେ । ସେହିପରି ଆୟୋଜିତ ସଭାର ଦ୍ୱିତୀୟ ଅଧିବେଶନରେ ଝାରସୁଗୁଡା ଜିଲ୍ଲାର ୫ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା ।

ଝାରସୁଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ ଏଡ଼ିଇଓ ରବୀନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଅନୁଷ୍ଠିତ ଏହି ବାଳ ବୈଜ୍ଞାନିକ ପ୍ରଦର୍ଶନି ତଥା ବିଜ୍ଞାନ ମେଳାରେ ୩୫ ଗୋଟି ପ୍ରକଳ୍ପ ସହିତ ଏନର୍ଜୀ କ୍ଲବ୍ ର ୪୦ ଗୋଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରୁ ୭ ଥିମ ରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ପାଇ ୨୧ ଜଣ ଶିଶୁ ବୈଜ୍ଞାନିକ ପୁରସ୍କୃତ ହୋଇଥିଲେ । ଏହା ସହିତ ୩ ଜଣଙ୍କୁ ଏନର୍ଜୀ କ୍ଲବ୍ ରୁ ପୁରସ୍କୃତ କରାଯାଇଥିଲା ।

ଏଥିରେ ଏୟାର ଏନସିସି ଅଫିସର୍ ଜିତେନ୍ଦ୍ର ମଗର ଓ ତାଙ୍କ ଏନସିସି କେଡ ?ଟ ସହ ଜିଲ୍ଲା ସ୍କାଉଟ ଗାଇଡ ଅର୍ଗାନାଇଜିଙ୍ଗ କମିଶନର ପ୍ରତିଭା ମହାପାତ୍ର ଏବଂ ତାଙ୍କ ସ୍କାଉଟ ଛାତ୍ରଛାତ୍ରୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ସହଯୋଗ କରିଥଲେ କ୍ଷ ପ୍ରଥମ ଅଧିବେଶନରେ ପିପିନ୍ ପଣ୍ଡା ମଞ୍ଚ ପରିଚ଼ାଳନା କରିଥିଲେ ଓ ଦିତୀୟ ଅଧିବେଶନ ରେ ଅନୀତା ପଣ୍ଡା ଓ ବୀଣାପାଣି ସାହୁ ମଞ୍ଚ ପରିଚ଼ାଳନା କରିଥିଲେ ।

### କ୍ରୋସାକି କପ୍ ଜାତୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ

# ବେଲପାହାଡ଼ ୟୁନାଇଟେଡ୍ ବିଜୟୀ

ବେଲପାହାଡ଼ (ନି.ପ୍ର) ବେଲପାହାଡ଼ ୨ୟ କ୍ରୋସାକି କପ୍ ଫୁଟ୍‌ବଲ୍ ଉଦ୍ ?ଘାଟିତ ହୋଇଛି । ସ୍ଥାନୀୟ ରତନ ଟାଟା ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଛନ୍ତି । ଏତି ପ୍ରଥମ ଦିନ ଆୟୋଜକ ବେଲପାହାଡ଼ ୟୁନାଇଟେଡ୍ ଓ ମଧ୍ୟପ୍ରଦେଶ ବାଲିଘାଟ ଡାଇମଣ୍ଡ ରଜ ଏଫ୍‌ସି ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା । ବେଲପାହାଡ଼ ୟୁନାଇଟେଡ୍ ଦଳ ୪-୧ ଗୋଲରେ ବିଜୟୀ ହୋଇଛି । ମ୍ୟାନ୍ ଅଫ୍ ଦ ମ୍ୟାଚ୍, ଭାବେ ବେଲପାହାଡ଼ ୟୁନାଇଟେଡ୍ ଖେଳାଳି ରାହୁଲ ଲାଲ ବିବେଚ଼ିତ ହୋଇ ପୁରସ୍କୃତ ହୋଇଥିଲେ । ରେଫରି ପ୍ରଦୀପ ନାଏକ, ଶଶିକାନ୍ତ ଦର୍ଶିଆ, ପ୍ରଶାନ୍ତ ବେହେରା, ଅରୁଣ ନାୟକ ପ୍ରମୁଖ ଖେଳ ପରିଚ଼ାଳନା କରିଥିଲେ । ମ୍ୟାଚ୍ କମିଶନର ଭାବେ ଗିରିଶ ଜୟପୁରିଆ ଦାୟିତ୍ୱ ନିର୍ବାହ କରିଥିଲେ ।

ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥ୍ୟ ଭାବେ ରାଜନ ଓ ବିପର୍ଯ୍ୟୟ ପରିଚ଼ାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ପରିବହନ, ବାଣିଜ୍ୟ ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ଓ ଟିଆରଏଲ୍ କ୍ରୋସାକିର ମ୍ୟାନେଜିଂ ଡାଇରେକ୍ଟର ପ୍ରଶାନ୍ତ କୁମାର ନାଏକ ଓ ବରିଷ୍ଠ ଅଧିକାରୀ ସୁଶାନ୍ତ କୁମାର ଦାସ ଯୋଗ ଦେଇଥିଲେ । ସୋମବାର ସିୱାନ୍ ଏଫ୍‌ସି ବିହାର ଏବଂ ସାଇ ହାଲ ସୁନାବେଡ଼ା ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦଯାପିତ

ବରଗଡ଼,(ବ୍ୟୁରୋ): ବରଗଡ଼ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସଂପଦ ମେଳା ଉଦଯାପନୀ ହୋଇଛି । ଏଥିରେ ବରଗଡ଼ ବିଧାୟକ ତଥା ବିଧାନସଭା ଜଳ ସମ୍ପଦ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ସ୍ଥାୟୀ କମିଟି ଅଧକ୍ଷ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି, ଭଟଲି ବିଧାୟକ ଇରାଶିଷ ଆଚ଼ାର୍ଯ୍ୟ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଚ଼ାଷୀଙ୍କୁ ଉତ୍ସାହିତ କରିଥିଲେ । ମେଳାକୁ ସ୍ୱତନ୍ତ୍ର ଭାବରେ ଆସିଥିବା ପୁଙ୍ଗନୁରୁ ଗାଈର ଗୋପୂଜନ ସହିତ ଉତ୍ସବକୁ ଶୁଭାରମ୍ଭ କରି ଶ୍ରୀ ଷଡ଼ଙ୍ଗୀ ଚ଼ାଷୀମାନେ ପାରମ୍ପରିକ ଚ଼ାଷ ସହ ମତ୍ସ୍ୟ ଓ ପ୍ରାଣୀପାଳନ ବିଶେଷ କରି ଗୋପାଳନ ମାଧମରେ ସ୍ୱାବଲମ୍ବୀ ହେବ ସହ ନିଜର ଆର୍ଥିକୁ ବିକାଶ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ । ସେହିଭଳି ଭଟଲି ବିଧାୟକ ଶ୍ରୀ ଆଚ଼ାର୍ଯ୍ୟ ମତ୍ସ୍ୟ ଓ ପ୍ରାଣୀ ପାଳନକୁ ଏକ ମୁଖ୍ୟ ଜୀବିକ ରୁପେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୋବିନ୍ଦ ନାଗ ଓ ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ପାରମ୍ପରିକ ଭାବରେ କରାଯାଉଥିବା ଧାନ ଚ଼ାଷ ସହ ଜୈବିକ କୃଷି ଓ କୃଷିର ବିବିଧକରଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣିଚ଼ିକିତ୍ସା ଅଧିକାରୀ ଡାକ୍ତର ନିଗମାନନ୍ଦ ପାଢୀ ସଭାପତିତ୍ୱ କରିବା ସହ ଚ଼ାଷୀଙ୍କ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଭୂମିକା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ସମ୍ବଲପୁର ମତ୍ସ୍ୟ ବିଭାଗର ଅତିରିକ୍ତ ମତ୍ସ୍ୟ ଅଧିକାରୀ ଭାବଗ୍ରାହୀ କିଶାନ୍ ମଧ୍ୟ ବିଭାଗରେ କାର୍ଯକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଏ ଅବସରରେ କୁକୁଡ଼ା ପାଳନ ପାଇଁ ବୈକୁଣ୍ଠ ବିହାରୀ ପଧାନ, ଗୋପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପ୍ରମୋଦ ସାହୁଙ୍କ ଛେଳି ପାଳନ ପାଇଁ ବିଦ୍ୟାଧର କାଣ୍ଡ ଓ ବିଣାପାଣି ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ମତ୍ସ୍ୟ ଚ଼ାଷ ପାଇଁ ଦୁଲଣୀ ସାହୁ, ସୁକାନ୍ତି ପଧାନ, ଜଗଜିବନ୍ କୁଅଁର୍ ଓ ମା ଭଗବତୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ପୁରସ୍କୃତ କରାଯାଇଥିଲା । ସୂଚ଼ନାଯୋଗ୍ୟ ଯେ, ଗତ ଦୁଇଦିନଠାରୁ ଜିଲ୍ଲା ବିଭିନ୍ନ ବ୍ଲକର ଆସିଥିବା ଚ଼ାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ବିଶେଷଜ୍ଞମାନଙ୍କ ମଧ୍ୟରେ ମତ ବିନିମୟ କାର୍ଯ୍ୟକ୍ରମ ହୋଇଥିଲା ।

# ‘ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର’ କାର୍ଯ୍ୟକ୍ରମ ଅନୁଷ୍ଠିତ




ଝାରସୁଗୁଡା ( ନି ପ୍ର) :ଝାରସୁଗୁଡ଼ା ଠାରେ ଭାରତ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସିଆଲ ସର୍ଭିସ ତରଫରୁ ଆରବିଆଇ ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହଯୋଗରେ ‘ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆର୍ଥିକ କ୍ଷେତ୍ରରେ ଦାବି କରାଯାଉ ନଥିବା ସଞ୍ଚିତ ଧନ ଓ ଶୀଘ୍ର ବିନିଯୋଗକୁ ସହଜ ଓ ସରଳ କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି ।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆରବିଆଇର ଏଲ. ଡି.ଓ ସୁଶ୍ରୀ ଅନେଟ ଶ୍ରଦ୍ଧା ଟପ୍ପୋ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ପ୍ରବନ୍ଧକ ଅରୁଣ କୁମାର ହୋତା ଏବଂ ଏଲ୍ ଆଇ ସି ଶାଖା ପରିଚ଼ାଳକଙ୍କ ଉଦୟ ବାଗଙ୍କ ସମେତ ସମସ୍ତ ବ୍ୟାଙ୍କ ଅଧିକାରୀ, ଗ୍ରାହକ ଓ ହିତାଧିକାରୀ ମାନେ ବୈଠକରେ ଉପସ୍ଥିତ ଥିଲେ । ଷ୍ଟେଟ ବାଙ୍କ ଅଫ ଇଣ୍ଡିଆର ଏଲ. ଡି.ଏମ . ଶିରପାଣି ନାଏକ ଓ ଆରସେଟି ନିର୍ଦ୍ଦେଶକ ରାଜକୁମାର ସାହୁ କାର୍ଯ୍ୟକ୍ରମ ପରିଚ଼ାଳନା କରିଥିଲେ ।

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଓ ଆର.ବି.ଆଇ. ନିୟମାବଳୀ ଅନୁସାରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପଡି ରହିଥିବା ବ୍ୟାଙ୍କ ଆକାଉଣ୍ଟକୁ ଚ଼ାଲୁ ରଖିବା ପାଇଁ ଅକ୍ଟୋବରରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି ।

ଏହିସବୁ ବ୍ୟାଙ୍କ ଖାତା ପୁଣି ଥରେ ଆରମ୍ଭ ହେଲେ ହିତାଧିକାରୀ ନିଜ ନିଜର ପୁରୁଣା ବ୍ୟାଙ୍କ ଖାତାରେ ପଡିରହିଥିବା ଟଙ୍କା ଫେରସ୍ତ ପାଇବେ । ସେହି ଆକାଉଣ୍ଟରେ ଜମା ଓ ଟଙ୍କା ଉଠାଣ କରିପାରିବେ । ଏହା ଦ୍ୱାରା ସେମାନେ ଆର୍ଥିକ କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ । ଏହି କାର୍ଯ୍ୟକ୍ରମ ଜରିଆରେ ଝାରସୁଗୁଡ଼ା ଜିଲ୍ଲାରେ ୩୧ କୋଟି ୬୪ ଲକ୍ଷ ଟଙ୍କା ହିତାଧିକାରୀଙ୍କ ଖାତାକୁ ଆସିବ । ଏଣୁ ସମସ୍ତେ ନିଜ ନିଜର ପୁରୁଣା ଖାତାକୁ ପୁଣି ଥରେ ଖୋଲି କାର୍ଯ୍ୟକ୍ଷମ କରି ଜମା ରାଶି ପ୍ରାପ୍ତ କରିବା ପାଇଁ ବୈଠକରେ ସଚେତନତା ସୃଷ୍ଟି କରାଯାଇଥିଲା ।

Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com
Editor- Ipsita Pati
ସମ୍ପାଦିକା: ଇପ୍‌ସିତା ପତି